ସକାଳ THE SAKALA
# ସିନ୍ଦୂରା
ରବିବାର
ଅଗଷ୍ଟ ୩୦- ସେପ୍ଟେମ୍ବର ୦୫, ୨୦୨୬
www.sakalaepaper.com

# ରୁପେଲି ପରଦାରେ ବାସ୍ତବ ଜୀବନ ଗାଥା

ଦିନକୁ ଦିନ ବଦଳୁଛି ସିନେମା ନିର୍ମାଣର ଧାରା । ଧୀରେ ଧୀରେ ଲୋକପ୍ରିୟ ହେବାରେ ଲାଗିଛି ବାୟୋପିକ୍ ବା ଜୀବନୀ ଆଧାରିତ ସିନେମା । ରୁପେଲି ପରଦାରେ ବିଶିଷ୍ଟ ବ୍ୟକ୍ତିଙ୍କ ବାସ୍ତବ ଜୀବନର କଥା ଦେଖିବାକୁ ପସନ୍ଦ କରୁଛନ୍ତି ସିନେ ଦର୍ଶକମାନେ । ଦର୍ଶକଙ୍କ ରୁଚି ଅନୁଯାୟୀ ସିନେ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ମଧ୍ୟ ଜୀବନୀଭିତ୍ତିକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀଙ୍କଠାରୁ ଆରମ୍ଭ କରି ଶିକ୍ଷାବିତ୍, ରାଜନେତା, କ୍ରୀଡ଼ାବିତ୍ଙ୍କ ପର୍ଯ୍ୟନ୍ତ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀକୁ ଆଧାର କରି ସିନେମା ତିଆରି କରାଯାଉଛି । ଏପରିକି କୁଖ୍ୟାତ ଡକାୟତ, ଗ୍ୟାଙ୍ଗଷ୍ଟାରଙ୍କ ମଧ୍ୟ ବାୟୋପିକ୍ ତିଆରି କରାଯାଉଛି । ଫଳରେ ଅତୀତରେ କେତେକ ବାୟୋପିକ୍‌କୁ ନେଇ ବିବାଦ ମଧ୍ୟ ଦେଖାଦେଇଛି । ତେବେ ବିଶିଷ୍ଟ ବ୍ୟକ୍ତିଙ୍କ ବାୟୋପିକ୍ ସମାଜ ପାଇଁ ନିଶ୍ଚିତ ଭାବରେ ପ୍ରେରଣାଦାୟକ । ଏହି ପରିପ୍ରେକ୍ଷୀରେ କେତୋଟି ଚର୍ଚ୍ଚିତ ଜୀବନୀ ଆଧାରିତ ଚଳଚ୍ଚିତ୍ରକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି : 'ସକାଳ' ବ୍ୟୁରୋ

**ଦିନକୁ ଦିନ ବାୟୋପିକ୍‌ର ଲୋକପ୍ରିୟତା ବଢ଼ିବାରେ ଲାଗିଛି । ମହାନ ବ୍ୟକ୍ତିଙ୍କ ଜୀବନକୁ ରୁପେଲି ପରଦାରେ ଦେଖିବାକୁ ଦର୍ଶକେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । ବାୟୋପିକ୍ କେବଳ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ବିଶିଷ୍ଟ ବ୍ୟକ୍ତିଙ୍କ ବାୟୋପିକ୍ ସାଧାରଣ ଜନତାଙ୍କୁ ପ୍ରେରଣା ଦେଇଥାଏ । ଭାରତର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କ୍ରୀଡ଼ାବିତ, ସମାଜସେବୀ ପ୍ରମୁଖଙ୍କ ଜୀବନ ଓ ବ୍ୟକ୍ତିତ୍ୱର ମହନୀୟ ଦିଗକୁ ନେଇ ନିର୍ମିତ ହୋଇଛି ଅନେକ ବାୟୋପିକ୍ । ଏଭଳି କିଛି ଚର୍ଚ୍ଚିତ ବାୟୋପିକ୍‌କୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**

'ବାୟୋପିକ୍'ର ଅର୍ଥ ହେଉଛି 'ଜୀବନୀ ଆଧାରିତ ଚଳଚ୍ଚିତ୍ର' । ବାସ୍ତବ ଜୀବନ, ଐତିହାସିକ ଓ ପ୍ରସିଦ୍ଧ ବ୍ୟକ୍ତିଙ୍କ ଜୀବନକୁ ଭିତ୍ତି କରି ଏଭଳି ଚଳଚ୍ଚିତ୍ର ନିର୍ମିତ । ପ୍ରକୃତ ସ୍ଥାନ, ସମୟ, ଘଟଣା, ନାମ, ଚରିତ୍ରର ବାସ୍ତବତାକୁ କେନ୍ଦ୍ର କରି ସିନେମାର କାହାଣୀ ଗତିଶୀଳ ହୋଇଥାଏ । ଯେଉଁ ବ୍ୟକ୍ତିଙ୍କ ଉପରେ ସିନେମାଟି କେନ୍ଦ୍ରୀଭୂତ, ସେଇ ଚରିତ୍ରର ଜୀବନ ଓ ଆଦର୍ଶ ସମାଜ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଭାରତରେ ଜୀବନୀ ଆଧାରିତ ସିନେମା ବା ବାୟୋପିକ୍‌ର ଧାରା ବେଶ୍ ପୁରୁଣା । ୧୯୧୩ ମସିହାରେ ରିଲିଜ୍ ହୋଇଥିଲା ପ୍ରଥମ ଭାରତୀୟ ସିନେମା 'ରାଜା ହରିଶ୍ଚନ୍ଦ୍ର' । ଦାଦାସାହେବ ଫାଲକେଙ୍କ 'ରାଜା ହରିଶ୍ଚନ୍ଦ୍ର' ଏକ ମୂକ ଫିଲ୍ମ । ଏହା କେବଳ ପ୍ରଥମ ଭାରତୀୟ ଫିଚର ଫିଲ୍ମ ନଥିଲା; ବରଂ ଏହା ଥିଲା ପ୍ରଥମ ଭାରତୀୟ ବାୟୋପିକ୍ । ରାଜା ହରିଶ୍ଚନ୍ଦ୍ରଙ୍କ ଜୀବନ ଉପରେ ଆଧାରିତ ଏହି ସିନେମାଟି । ପରବର୍ତ୍ତୀ ସମୟରେ ଭାରତର ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, କ୍ରୀଡ଼ାବିତ, ରାଜନେତା, ବ୍ୟବସାୟୀ, ଡକାୟତ, ଗ୍ୟାଙ୍ଗଷ୍ଟରଙ୍କ ଜୀବନକୁ କେନ୍ଦ୍ର କରି ଅନେକ ଫିଲ୍ମ ନିର୍ମାଣ କରାଯାଇଛି । ଯାହା ଦର୍ଶକଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି ।

ଭାରତର ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀଙ୍କ ତ୍ୟାଗ, ତିତିକ୍ଷା, ବଳିଦାନକୁ ନେଇ ଦେଶଭକ୍ତି ମୂଳକ କେତୋଟି ବାୟୋପିକ୍ ତିଆରି ହୋଇଛି । ଏହି କ୍ରମରେ ଜାତିର ଜନକ ମହାତ୍ମା ଗାନ୍ଧୀ, ମଙ୍ଗଳ ପାଣ୍ଡେ, ଭଗତ ସିଂହ, ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ, ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ସଂଗ୍ରାମୀଙ୍କ ବାୟୋପିକ୍‌ଗୁଡ଼ିକ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ହୋଇଛି । ସେହିପରି ସମ୍ବିଧାନ ପ୍ରଣେତା ଡା. ବାବା ସାହେବ ଆମ୍ବେଦକର, ସମାଜସେବୀ ଆନ୍ନା ହଜାରେ ପ୍ରମୁଖଙ୍କ ପ୍ରେରଣାଦାୟକ ଜୀବନ ଚିତ୍ର ବାୟୋପିକ୍‌ରେ ପ୍ରତିଫଳିତ ହୋଇଛି ।

ସିନେମା ସର୍ବଦା କୌଣସି ଧାରାରେ ଚାଲିଥାଏ । ଆଜିକାଲି ଜୀବନୀ ଆଧାରିତ ଫିଲ୍ମର ଚାହିଦା ବଢ଼ିବାରେ ଲାଗିଛି । ବାୟୋପିକ୍ ସାଧାରଣ ମଣିଷ ଓ ଅଜଣା ଲୋକଙ୍କୁ ନେଇ ତିଆରି ହୋଇ ନଥାଏ । ତେବେ 'ସରବରଜିତ' ବା 'ନୋ ବଡି କିଲ୍ଡ ଜେସିକା' ଭଳି କେତୋଟି ଚଳଚ୍ଚିତ୍ର ଅଚାନକ ଚର୍ଚ୍ଚିତ ହୋଇଥିଲା । କିନ୍ତୁ ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଆଦର୍ଶ, ଗୁଣ, ସମାଜ ପ୍ରତି ଅବଦାନକୁ ନେଇ ନିର୍ମିତ ହୋଇଥିବା ସିନେମା ଅଧିକ ଲୋକାଦୃତି ହୋଇଥାଏ । କେତେକ କୁଖ୍ୟାତ ଡକାୟତ, ଗ୍ୟାଙ୍ଗଷ୍ଟରଙ୍କୁ ନେଇ ମଧ୍ୟ ବାୟୋପିକ୍ ତିଆରି ହୋଇଛି । ତେବେ 'ଅଜହର' ଭଳି ଫିଲ୍ମ ଅନେକ ସମୟରେ ବିବାଦ ଘେରକୁ ଟାଣି ହୋଇ ଆସିଥାଏ ।

୨୦୧୦ ମସିହା ପରେ ବଲିଉଡ୍‌ରେ ଅଧିକ ବାୟୋପିକ୍ ତିଆରି ହୋଇଛି । 'ପାନ୍ ସିଂହ ତୋମାର', 'ଭାଗ୍ ମିଲଖା ଭାଗ୍' ଆଦି ବାୟୋପିକ୍ ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହୋଇପାରିଛି । 'ପାନ ସିଂହ ତୋମାର' ଏକ ଚର୍ଚ୍ଚିତ ଚଳଚ୍ଚିତ୍ର । ଭାରତୀୟ ସେନାର ସୈନିକ ପାନ ସିଂହ ତୋମାରଙ୍କ ଜୀବନକୁ ନେଇ ନିର୍ମିତ ହୋଇଛି ଏହି ସିନେମାଟି । ସେହିପରି ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ବିଶିଷ୍ଟ ଧାବକ ମିଲ୍‌ଖା ସିଂହଙ୍କ ଜୀବନୀକୁ ଆଧାରି କରି 'ଭାଗ ମିଲଖା ଭାଗ' ଫିଲ୍ମ ତିଆରି ହୋଇଛି । ସେହିପରି ପୂର୍ବତନ ରେସଲିଂ ଚାମ୍ପିୟନ୍ ମହାବୀର ଫୋଗଟ ଏବଂ ତାଙ୍କ ଦୁଇ ଝିଅ ଗୀତା ଓ ବବିତା ଫୋଗଟଙ୍କୁ ନେଇ ତିଆରି ହୋଇଛି 'ଦଙ୍ଗଲ' ଫିଲ୍ମ । ସେଭଳି ଟିମ୍ ଇଣ୍ଡିଆର ପୂର୍ବତନ କ୍ୟାପଟେନ୍ ମହେନ୍ଦ୍ର ସିଂହ ଧୋନୀ, ପ୍ରସିଦ୍ଧ ମହିଳା ବକ୍ସର ମ୍ୟାରି କମ, କ୍ରିକେଟର୍ ପ୍ରବୀର ତାମ୍ବେ, ହକି ଖେଳାଳି ସନ୍ଦୀପ, ପୂର୍ବତନ ଭାରତୀୟ କ୍ରିକେଟର୍ ମହମ୍ମଦ ଅଝାରୁଦ୍ଦୀନ ପ୍ରମୁଖଙ୍କ ଜୀବନ ଓ ସଂଘର୍ଷମୟ କାହାଣୀକୁ ନେଇ ତିଆରି ହୋଇଛି ହୃଦୟସ୍ପର୍ଶୀ ସିନେମା । କେବଳ କ୍ରୀଡ଼ାବିତ ନୁହଁନ୍ତି, ରାଜନେତାଙ୍କ ଜୀବନର ଉତ୍ଥାନ ଓ ପତନକୁ ନେଇ ମଧ୍ୟ କେତୋଟି ବାୟୋପିକ୍ ତିଆରି ହୋଇଛି । ବିଶିଷ୍ଟ ଅଭିନେତା, ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍‌ଟି ରାମାରାଓ, ଭାରତର ପୂର୍ବତନ ଇନ୍ଦିରା ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ଶିବସେନାର ପ୍ରତିଷ୍ଠାତା ବାଲ ଠାକରେ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିତା, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରମୁଖଙ୍କ ରାଜନୈତିକ ଜୀବନକୁ ନେଇ ବାୟୋପିକ୍ ନିର୍ମିତ ହୋଇଛି । ସେହିପରି ରାଜା ରବି ବର୍ମା, ଧୀରୁ ଭାଇ ଅମ୍ବାନୀ ପ୍ରମୁଖଙ୍କ ଜୀବନକୁ ନେଇ ମଧ୍ୟ ଚଳଚ୍ଚିତ୍ର ନିର୍ମିତ ହୋଇଛି ।

ଓଲିଉଡ୍‌ରେ ମଧ୍ୟ କେତୋଟି ବାୟୋପିକ୍ ବେଶ୍ ଦର୍ଶକୀୟ ପ୍ରଶଂସା ସାଉଁଟିଛି । ସେଥିମଧ୍ୟରୁ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ', 'ଭକ୍ତ ସାଲବେଗ', 'ଜୟଦେବ', 'ତୁଳସୀ ଅପା', 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ', 'ପାଦେ ଆକାଶ', 'ସନ୍ଥ' ଆଦି ଚଳଚ୍ଚିତ୍ର ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଛି ।

ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ମେରି କମ୍‌ଙ୍କ ପର୍ଯ୍ୟନ୍ତ ଅନେକ ବ୍ୟକ୍ତିଙ୍କୁ ନେଇ ବିଭିନ୍ନ ଭାଷାରେ ବାୟୋପିକ୍ ନିର୍ମିତ ହୋଇଛି । ତେବେ ବିଗତ ପ୍ରାୟ ୨୦ ବର୍ଷ ହେବ ସ୍ୱାଧୀନତା ସଂଗ୍ରାମୀ, କ୍ରୀଡ଼ାବିତ୍, ସମାଜସେବୀ, ରାଜନେତା, ବ୍ୟବସାୟୀ, ଡକାୟତ, ଗ୍ୟାଙ୍ଗଷ୍ଟରଙ୍କ ଜୀବନକୁ କେନ୍ଦ୍ର କରି ଅନେକ ଫିଲ୍ମ ନିର୍ମାଣ କରାଯାଇଛି । ଏଭଳି ଚଳଚ୍ଚିତ୍ରଗୁଡ଼ିକକୁ ଦର୍ଶକେ ପ୍ରଶଂସା କରିବା ସହିତ ବେଶ୍ ବ୍ୟବସାୟିକ ସଫଳତା ହାସଲ ମଧ୍ୟ କରିଛି । ଆଗାମୀ ଦିନରେ ଆହୁରି ଜୀବନୀଭିତ୍ତିକ ସିନେମା ତିଆରି ହେବ ବୋଲି ଆଶା କରାଯାଏ ।

# ଚଳଚ୍ଚିତ୍ରରେ ସଂଗ୍ରାମୀଙ୍କ କାହାଣୀ

**ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନ କାହାଣୀକୁ ଅନେକ ଚଳଚ୍ଚିତ୍ରରେ ଚମତ୍କାର ଭାବେ ପ୍ରଦର୍ଶିତ କରାଯାଇଛି । ଜାତିର ଜନକ ମହାତ୍ମା ଗାନ୍ଧୀ, ଭଗତ ସିଂହ, ମଙ୍ଗଳ ପାଣ୍ଡେ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ରାଣୀ ଲକ୍ଷ୍ମୀବାଈ ପ୍ରମୁଖ ସଂଗ୍ରାମୀଙ୍କ ଜୀବନୀ ଆଧାରିତ ଚଳଚ୍ଚିତ୍ର ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି । ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଆଧାରିତ ନିର୍ମିତ କେତୋଟି ସିନେମାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**




## ମଣିକର୍ଣ୍ଣିକା ଦ କୁଇନ୍ ଅଫ୍ ଝାନ୍‌ସୀ

୨୦୧୯ ମସିହାରେ ରିଲିଜ୍ ହୋଇଥିଲା ଦେଶଭକ୍ତି ଫିଲ୍ମ 'ମଣିକର୍ଣ୍ଣିକା: ଦ କୁଇନ୍ ଅଫ୍ ଝାନ୍‌ସୀ' । ୧୮୫୭ ସିପାହୀ ବିଦ୍ରୋହର ଚର୍ଚ୍ଚିତ ବୀରାଙ୍ଗନା ରାଣୀ ଲକ୍ଷ୍ମୀବାଈଙ୍କ ଉପରେ ଏହି ଚଳଚ୍ଚିତ୍ର ପର୍ଯ୍ୟବସିତ । ରାଣୀ ଲକ୍ଷ୍ମୀବାଈ ଭୂମିକାରେ କଙ୍ଗନା ରଣାୱତ ଅଭିନୟ କରିଥିଲେ । ନିଜ ସେନାଙ୍କ ନେତୃତ୍ୱ ନେଇ ଲକ୍ଷ୍ମୀବାଈ କିଭଳି ଇଂରେଜ ସରକାର ବିରୁଦ୍ଧରେ ଲଢ଼େଇ କରୁଥିଲେ ତାହା ଏହି ସିନେମାରେ ପ୍ରଦର୍ଶିତ ହୋଇଛି । ଇଂରେଜ ସେନା କବଳରୁ ଝାନସୀକୁ ରକ୍ଷା କରିବା ପାଇଁ ତାଙ୍କର ଅଦମ୍ୟ ସାହସ, ଯୁଦ୍ଧ କୌଶଳ ଓ ବଳିଦାନର କଥା ଏହି ସିନେମାରେ ପ୍ରତିଫଳିତ ହୋଇଛି ।

## ସର୍ଦ୍ଦାର

କେତନ ମେହେତାଙ୍କ ନିର୍ଦ୍ଦେଶିତ 'ସର୍ଦ୍ଦାର' ଚଳଚ୍ଚିତ୍ର ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନକୁ ନେଇ ନିର୍ମିତ ହୋଇଛି । ସର୍ଦ୍ଦାର ପଟେଲଙ୍କ ଚିନ୍ତାଧାରା, ରାଜନୈତିକ ଦୂରଦୃଷ୍ଟି, ଭାରତ ସ୍ୱାଧୀନତା ଲାଭ ପରେ ୫୦୦ରୁ ଅଧିକ ଦେଶୀୟ ରାଜ୍ୟର ବିଲୋପ କରି ଏକ ଅଖଣ୍ଡ ଏବଂ ଲୋକତାନ୍ତ୍ରିକ ଭାରତ ନିର୍ମାଣ କରିବା ଲକ୍ଷ୍ୟ ଆଦି ଏହି ଚଳଚ୍ଚିତ୍ରରେ ପ୍ରଦର୍ଶିତ କରାଯାଇଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଭୂମିକାରେ ପରେଶ ରାୱଲ ଅଭିନୟ କରିଥିଲେ । ୧୯୯୩ ମସିହାରେ ଏହି ଚଳଚ୍ଚିତ୍ର ରିଲିଜ୍ ହୋଇଥିଲା ।

## ସର୍ଦ୍ଦାର ଉଦ୍ଧମ ସିଂହ

ମହାନ୍ ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ଉଦ୍ଧମ ସିଂହଙ୍କ ଜୀବନକୁ ନେଇ ତିଆରି ହୋଇଛି 'ସର୍ଦ୍ଦାର ଉଦ୍ଧମ ସିଂହ' । ୨୦୨୧ ମସିହାରେ ଏହି ଫିଲ୍ମ ରିଲିଜ୍ ହୋଇଥିଲା । ସର୍ଦ୍ଦାର ଉଦ୍ଧମ ସିଂହ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ । ୧୯୪୦ ମସିହାରେ ପଞ୍ଜାବ ପୂର୍ବ ଲେଫ୍‌ଟେନାଣ୍ଟ୍ ଗଭର୍ଣ୍ଣର ମାଇକଲ୍ ଆଣ୍ଡୋୟାରଙ୍କୁ ସେ ହତ୍ୟା କରିଥିଲେ । ୧୯୧୯ ମସିହା ଜାଲିଆନାୱାଲା ବାଗ୍ ନରସଂହାର ପ୍ରତିଶୋଧ ନେବା ପାଇଁ ଉଦ୍ଧମ ସିଂହ ଏହି ହତ୍ୟା କରିଥିଲେ । ବିକ୍କୀ କୌଶଳ ଉଦ୍ଧମ ସିଂହ ଭୂମିକାରେ ଉଚ୍ଚକୋଟୀର ଅଭିନୟ କରିଛନ୍ତି ।

## ସିନେମାରେ ସୁଭାଷ ଚନ୍ଦ୍ର ବୋଷ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ନେଇ କେତୋଟି ଚଳଚ୍ଚିତ୍ର ନିର୍ମିତ ହୋଇଛି । ଏହି ସବୁ ସିନେମାରେ ନେତାଜୀଙ୍କ ଜୀବନର ସଂଘର୍ଷ, ଦର୍ଶନ, ସାହସିକତା, ସ୍ୱାଧୀନତା ସଂଗ୍ରାମ ପ୍ରତି ଅବଦାନ, ମୃତ୍ୟୁ ରହସ୍ୟ ଆଦି ସଂପର୍କରେ ପ୍ରଦର୍ଶିତ କରାଯାଇଛି । ୧୯୫୦ ମସିହାରେ ରମେଶ ସେହେଗଲଙ୍କ ନିର୍ଦ୍ଦେଶିତ 'ସମାଧି' ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । ଏହି ସିନେମାରେ ସୁଭାଷ ଚନ୍ଦ୍ର ବୋଷଙ୍କ ବିଚାରଧାରା, ରାଜନୈତିକ ଚିନ୍ତାଧାରା, ସଂଘର୍ଷ ଓ ସ୍ୱାଧୀନତା ସଂଗ୍ରାମ ପ୍ରତି ଅବଦାନକୁ ଚିତ୍ରଣ କରାଯାଇଛି । ସେହିପରି ୧୯୬୬ ମସିହାରେ ରିଲିଜ୍ ହୋଇଥିଲା ବଙ୍ଗଳା କ୍ଲାସିକ୍ ସିନେମା 'ସୁଭାଷ ଚନ୍ଦ୍ର' । ପୀୟୁଷ ବୋଷଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଯୁବକ ସୁଭାଷଙ୍କ ଜୀବନ, ପିଲାଦିନ, କଲେଜରେ ଅଧ୍ୟୟନ, ଆଇସିଏସ୍ ପାସ୍ କରିବା, ପ୍ରାରମ୍ଭିକ ରାଜନୈତିକ ଅଭିଯାନ, ପୁଲିସ ଦ୍ୱାରା ଗିରଫ ହେବା ଆଦି ସଂପର୍କରେ ପ୍ରଦର୍ଶିତ ହୋଇଛି । ଏହି ଫିଲ୍ମରେ ସୁଭାଷଙ୍କ ଦେଶପ୍ରେମର ମହାନତାକୁ ଅତି ଚମତ୍କାର ଭାବେ ଚିତ୍ରିତ କରାଯାଇଛି । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନକୁ ୨୦୦୪ ମସିହାରେ ନିର୍ମିତ ଆଉ ଏକ ଚଳଚ୍ଚିତ୍ର ହେଉଛି 'ନେତାଜୀ ସୁଭାଷ ଚନ୍ଦ୍ର ବୋଷ- ଦ ଫରଗଟନ୍ ହିରୋ' । ପ୍ରତିଷ୍ଠିତ ନିର୍ଦ୍ଦେଶକ ଶ୍ୟାମ ବେନେଗାଲଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସଚିନ ଖେଡେକର ନେତାଜୀଙ୍କ ଭୂମିକାରେ ଚମତ୍କାର ଅଭିନୟ କରିଛନ୍ତି । ଦେଶ ବାହାରେ ରହି ମଧ୍ୟ 'ଆଜାଦ ହିନ୍ଦ ଫୌଜ' ଗଠନ କରି ସେ କିଭଳି ଇଂରେଜ ସରକାର ବିରୁଦ୍ଧରେ ବଡ଼ ସଶସ୍ତ୍ର ଆନ୍ଦୋଳନ କରିଥିଲେ ତାହା ପ୍ରଦର୍ଶିତ ହୋଇଛି । ସେହିପରି 'ନେତାଜୀ ସୁଭାଷ ଚନ୍ଦ୍ର ବୋଷ: ଦ ଫରଗଟନ୍ ହିରୋ', 'ଆମି ସୁଭାଷ ବୋଲଚି', 'ଗୁମନାମୀ', 'ଦ ଫରଗଟନ୍ ଆର୍ମି' ଫିଲ୍ମରେ ସୁଭାଷ ବୋଷଙ୍କ ଜୀବନକୁ ଚିତ୍ରଣ କରାଯାଇଛି ।



## ପରଦାରେ ଗାନ୍ଧୀ

ମହାତ୍ମା ଗାନ୍ଧୀଙ୍କ ଜୀବନୀକୁ ନେଇ ଅନେକ କଳାତ୍ମକ ସିନେମା ନିର୍ମିତ ହୋଇଛି । ବ୍ରିଟିଶ ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ରିଚାର୍ଡ ଏଟନବରୋଙ୍କ ନିର୍ଦ୍ଦେଶିତ ଇଂରାଜୀ ଭାଷାର ଏକ ଐତିହାସିକ ବାୟୋପିକ୍ ହେଉଛି 'ଗାନ୍ଧୀ' । ୧୯୮୨ ମସିହାରେ ଏହି ଐତିହାସିକ ଚଳଚ୍ଚିତ୍ର ରିଲିଜ୍ ହୋଇଥିଲା । ମହାତ୍ମା ଗାନ୍ଧୀ ଚରିତ୍ରରେ ଅଭିନେତା ବେନ୍ କିଙ୍ଗସଲେଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ଅଭିଭୂତ କରିଥିଲା । 'ଗାନ୍ଧୀ' ଚଳଚ୍ଚିତ୍ରରେ ହୃଦୟସ୍ପର୍ଶୀ ଅଭିନୟ ପାଇଁ ସେ ଓସ୍କାର ପୁରସ୍କାର ଲାଭ କରିଥିଲେ । ଏହି ଫିଲ୍ମରେ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ଓକିଲାତି କରିବାଠାରୁ ଆରମ୍ଭ କରି ଭାରତ ଫେରିବା ପର୍ଯ୍ୟନ୍ତ ଯାତ୍ରାକୁ ନେଇ ଚମତ୍କାର ଭାବେ ପ୍ରଦର୍ଶିତ କରାଯାଇଛି । ମହାତ୍ମା ଗାନ୍ଧୀ କିଭଳି ଅହିଂସା ଓ ସତ୍ୟାଗ୍ରହକୁ ନିଜର ଅସ୍ତ୍ର ଭାବେ ଗ୍ରହଣ କରି ଭାରତର ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିଲେ ତାହା ଏହି ସିନେମାରେ ପ୍ରଦର୍ଶିତ ହୋଇଛି । ଗାନ୍ଧୀଙ୍କୁ ନେଇ ତିଆରି ହୋଇଥିବା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ ଏହା ଏକ ଉଚ୍ଚକୋଟୀର ବାୟୋପିକ୍ ।

ସେହିପରି ୧୯୯୬ ମସିହାରେ ରିଲିଜ୍ ହୋଇଥିଲା 'ଦି ମେକିଂ ଅଫ୍ ଗାନ୍ଧୀ' ସିନେମା । ଶ୍ୟାମ୍ ବେନେଗାଲଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଗାନ୍ଧୀଙ୍କ ଚରିତ୍ରରେ ଅଭିନେତା ରଜତ କପୁର ହୃଦୟସ୍ପର୍ଶୀ ଅଭିନୟ କରିଥିଲେ । ମୋହନ ଦାସ କରମଚାନ୍ଦ ଗାନ୍ଧୀ କିପରି ମହାତ୍ମା ଗାନ୍ଧୀରେ ପରିଣତ ହେଲେ, ତାହା ଏହି ଚଳଚ୍ଚିତ୍ରରେ ଅତି ଚମତ୍କାର ଭାବେ ପ୍ରଦର୍ଶିତ କରାଯାଇଛି । ସେହିପରି ୨୦୦୦ ମସିହାରେ ନିର୍ମିତ 'ହେ ରାମ' ଚଳଚ୍ଚିତ୍ରରେ ଭାରତର ବିଭାଜନ ଓ ନାଥୁରାମ ଗଡସେଙ୍କ ଦ୍ୱାରା ଗାନ୍ଧୀଙ୍କ ହତ୍ୟାର ଚିତ୍ର ପ୍ରଦର୍ଶିତ ହୋଇଛି । ଏହି ସିନେମାରେ ମହାତ୍ମା ଗାନ୍ଧୀ ଚରିତ୍ରରେ ନସୀରୁଦ୍ଦୀନ ଶାହ ଅଭିନୟ କରିଛନ୍ତି । ମହାତ୍ମା ଗାନ୍ଧୀଙ୍କୁ ନେଇ ନିର୍ମିତ ଆଉ ଏକ ହୃଦୟସ୍ପର୍ଶୀ ବାୟୋପିକ୍ ହେଉଛି 'ଗାନ୍ଧୀ ମାଇଁ ଫାଦର' । ୨୦୦୭ ମସିହାରେ ଏହି ଫିଲ୍ମ ରିଲିଜ୍ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ଜୀବନର ଦୁଃଖଦ ସମୟକୁ ଏହି ସିନେମାରେ ପ୍ରଦର୍ଶିତ କରାଯାଇଛି । ଗାନ୍ଧୀ ଭୂମିକରେ ଅଭିନେତା ଦର୍ଶନ ରଜିୱାଲାଙ୍କ ଅସାଧାରଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଏଥିପାଇଁ ଶ୍ରେଷ୍ଠ ଅଭିନେତା ଭାବେ ସେ ଜାତୀୟ ପୁରସ୍କାର ଲାଭ କରିଥିଲେ । ସେହିପରି 'ଦ ଲିଜେଣ୍ଡ ଅଫ୍ ଭଗତ ସିଂହ', 'ବୀର ସାବରକର', 'ସର୍ଦ୍ଦାର', 'ଲଗେ ରହୋ ମୁନ୍ନା ଭାଇ' ଆଦି ଚଳଚ୍ଚିତ୍ରରେ ମଧ୍ୟ ଗାନ୍ଧିଜୀଙ୍କ ଜୀବନ ଦର୍ଶନ, ସ୍ୱାଧୀନତା ସଂଗ୍ରାମ ପ୍ରତି ଅବଦାନ, ତାଙ୍କ ତ୍ୟାଗ ଓ ବଳିଦାନର କଥା ଅତି ହୃଦୟସ୍ପର୍ଶୀ ଭାବେ ପ୍ରଦର୍ଶିତ ହୋଇଛି ।

## ମଙ୍ଗଳ ପାଣ୍ଡେ: ଦ ରାଇଜିଂ

୨୦୦୫ ମସିହାରେ ଆମିର ଖାନ୍ ଅଭିନୀତ 'ମଙ୍ଗଳ ପାଣ୍ଡେ: ଦ ରାଇଜିଂ' ଫିଲ୍ମ ରିଲିଜ୍ ହୋଇଥିଲା । ୧୮୫୭ ସିପାହୀ ବିଦ୍ରୋହର ବିପ୍ଳବୀ ମଙ୍ଗଳ ପାଣ୍ଡେଙ୍କ ଜୀବନ ଉପରେ ଏହି ସିନେମା ଆଧାରିତ । ସିପାହୀ ବିଦ୍ରୋହ ସମୟରେ ସେ ଇଂରେଜ ସରକାରଙ୍କ ନିଦ ହଜାଇ ଦେଇଥିଲେ । ଇଷ୍ଟ ଇଣ୍ଡିଆ କମ୍ପାନି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ହଇଚଇ ସୃଷ୍ଟି କରିଥିଲେ । ପ୍ରଥମ ଥର ପାଇଁ ଇଂରେଜ ସରକାର ବିରୋଧରେ ଭାରତରେ ସ୍ୱାଧୀନତା ସଂଗ୍ରାମରେ ପଦଧ୍ୱନୀ ବାଜି ଉଠିଥିଲା । ଏହି ଚଳଚ୍ଚିତ୍ରରେ ମଙ୍ଗଳ ପାଣ୍ଡେଙ୍କ ବୀରତ୍ୱ ଓ ତ୍ୟାଗର କଥା ପ୍ରଦର୍ଶିତ ହୋଇଛି ।

## ଦ ଲିଜେଣ୍ଡ ଅଫ୍ ଭଗତ ସିଂହ

୨୦୦୨ ମସିହାରେ 'ଦ ଲିଜେଣ୍ଡ ଅଫ୍ ଭଗତ ସିଂହ' ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । ବଲିଉଡ୍ ଷ୍ଟାର୍ ଅଜୟ ଦେବଗନ ଏହି ଫିଲ୍ମରେ ମହାନ ସଂଗ୍ରାମୀ ଭଗତ ସିଂହ ଚରିତ୍ରରେ ଅଭିନୟ କରିଛନ୍ତି । ରାଜ କୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଭଗତ ସିଂହଙ୍କ ଜୀବନ, ଚିନ୍ତାଧାରା, ସ୍ୱାଧୀନତା ସଂଗ୍ରାମ ପ୍ରତି ଅବଦାନ, ରାଜଗୁରୁ ଓ ସୁଖଦେବଙ୍କ ସହଯୋଗକୁ ଅତି ଚମତ୍କାର ଭାବେ ପ୍ରଦର୍ଶିତ କରାଯାଇଛି । ଦେଶଭକ୍ତି ଉପରେ ନିର୍ମିତ ଏହି ଫିଲ୍ମ ଆଜି ମଧ୍ୟ ଦର୍ଶକଙ୍କ ମନରୁ ଲିଭି ନାହିଁ ।






# ପରଦାରେ କ୍ରୀଡ଼ା ଓ କ୍ରୀଡ଼ାବିତ

**ହିନ୍ଦୀ ସିନେମା ଜଗତରେ ଖେଳାଳିଙ୍କ ଜୀବନକୁ ନେଇ ଅନେକ ସୁପରହିଟ୍ ବାୟୋପିକ୍ ନିର୍ମାଣ ହୋଇଛି । ଖେଳାଳିଙ୍କ ଜୀବନ ଉପରେ ଆଧାରିତ ଏହି ଫିଲ୍ମଗୁଡ଼ିକ ଦର୍ଶକଙ୍କ ହୃଦୟ ଜିଣିବା ସହ ବକ୍ସ ଅଫିସ୍‌ରେ କୋଟି କୋଟି ଟଙ୍କା ବ୍ୟବସାୟ କରି ରେକର୍ଡ ସୃଷ୍ଟି କରିଛି । ସଂଘର୍ଷ, ପରିଶ୍ରମ, ପରାଜୟ ଓ ବିଜୟର ସତ୍ୟ କାହାଣୀ ଉପରେ ଆଧାରିତ ଏହି ଫିଲ୍ମ ଦର୍ଶକଙ୍କୁ ଏକ ଭିନ୍ନ ଅନୁଭୂତି ଦେବା ସହ ପ୍ରତିକୂଳ ପରିସ୍ଥିତିରେ ହାର ନ ମାନି, ନିଷ୍ଠା, କଠିନ ପରିଶ୍ରମ ଦ୍ୱାରା ଆଗକୁ ଅଗ୍ରସର ହେବାକୁ ଯୁବପିଢ଼ିଙ୍କୁ ମାର୍ଗ ପ୍ରଦର୍ଶନ କରାଇଛି । ତେବେ ବକ୍ସ ଅଫିସ୍‌ରେ ଧମାଲ କରିଥିବା ସେହିଭଳି କିଛି ଫିଲ୍ମକୁ ନେଇ ଏହି ଉପସ୍ଥାପନା ।**

## ପାନ୍ ସିଂ ତୋମାର

୨୦୧୨ ମସିହାରେ ମୁକ୍ତିଲାଭ କରିଥିବା ଲୋକପ୍ରିୟ ହିନ୍ଦୀ 'ପାନ୍ ସିଂ ତୋମାର' ହେଉଛି ଏକ ଲୋକପ୍ରିୟ ଜୀବନୀ ଭିତ୍ତିକ ହିନ୍ଦୀ ସିନେମା । ଫିଲ୍ମଟି ଭାରତୀୟ ଯବାନ ଏବଂ ଜାତୀୟ ସ୍ୱର୍ଣ୍ଣପଦକ ବିଜେତା ପାନ ସିଂ ତୋମାରଙ୍କ କାହାଣୀ ଉପରେ ଆଧାରିତ । ପାନ ସିଂ ତୋମାର ଭାରତୀୟ ସେନା ଯବାନ ଥିବାବେଳେ ଦୌଡ଼ ପ୍ରତିଯୋଗିତାରେ ନିଜର ପ୍ରତିଭାର କମାଲ୍ ଦେଖାଇଥିଲେ । ପରେ ସେ ଖେଳରେ ଭାଗ ନେଇ ଅନ୍ତରାଷ୍ଟ୍ରୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହାକୁ ନେଇ କାହାଣୀ ଗତିଶୀଳ । ତିଗ୍ମାଂଶୁ ଧୂଲିଆ ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ ଇର୍‌ଫାନ ଖାନ୍ ପାନ ସିଂ ତୋମାର ଭାବେ ଚମତ୍କାର ଅଭିନୟ କରିଥିଲେ । ଫିଲ୍ମଟି ପ୍ରାୟ ୨୧ କୋଟି ଟଙ୍କା ଆୟ କରିଥିଲା ।




## ମେରି କମ୍

୨୦୧୪ ମୁକ୍ତିଲାଭ କରିଥିଲା ହିନ୍ଦୀ ଫିଲ୍ମଟି 'ମେରି କମ୍' । ଏହି ଫିଲ୍ମଟି ଭାରତୀୟ ବକ୍ସର୍ ମେରି କମ୍‌ଙ୍କ ଜୀବନୀ ଉପରେ ଆଧାରିତ ଥିଲା । ଏଥିରେ ପ୍ରିୟଙ୍କା ଚୋପ୍ରା ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ମଣିପୁରର ସାଧାରଣ ଗାଁର ଜଣେ ମହିଳା ବିଶ୍ୱ ଚାମ୍ପିୟନ୍ ହେବା ଏବଂ ମାତୃତ୍ୱ ଲାଭ ପରେ ପୁଣିଥରେ ନିଜ କାର୍ଯ୍ୟକୁ ଫେରିବାର ସଂଘର୍ଷ ଓ ସଫଳତାକୁ ଏହି ଫିଲ୍ମ ମାଧ୍ୟମରେ ଦେଖାଯାଇଛି । ମେରି କମ୍‌ଙ୍କ ବାୟୋପିକ୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ଏହା ବକ୍ସ ଅଫିସ୍‌ରେ ୮୬ କୋଟିରୁ ଅଧିକ ଟଙ୍କା ବ୍ୟବସାୟ କରିଥିଲା ।

## ସୁର୍‌ମା

୨୦୧୮ ମସିହାରେ ମୁକ୍ତିଲାଭ କରିଥିଲା ଜୀବନୀ ଆଧାରିତ ଫିଲ୍ମ 'ସୁର୍‌ମା' । ଏହା ଏକ ପ୍ରେରଣାଦାୟୀ ବାୟୋଗ୍ରାଫିକାଲ୍ ସ୍ପୋର୍ଟସ ଡ୍ରାମା ଫିଲ୍ମ ଥିଲା । ଭାରତର ପୂର୍ବତନ ହକି କ୍ୟାପ୍‌ଟନ୍ ସନ୍ଦୀପ ସିଂଙ୍କ ଜୀବନ ଏବଂ ତାଙ୍କ ଐତିହାସିକ ପ୍ରତ୍ୟାବର୍ତ୍ତନ ଉପରେ ଆଧାରିତ । କାହାଣୀ ଅନୁଯାୟୀ ଦୁର୍ଘଟଣାରେ ଗୁଳିବାଜିବା ପରେ ସନ୍ଦୀପ ସିଂ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ । ଅବଶ୍ୟ ପରେ ସୁସ୍ଥ ହୋଇ କିଭଳି ଖେଳ ଦୁନିଆରେ ପାଦ ଥାପିଛନ୍ତି ତାହା ଦର୍ଶାଯାଇଛି । ଫିଲ୍ମରେ ସନ୍ଦୀପ ସିଂ ଚରିତ୍ରରେ ଦିଲ୍‌ଜିତ୍ ଦୋସାଞ୍ଜ, ଦେଖିବାକୁ ମିଳିଥିଲେ । ଭାରତ ସମେତ ସମଗ୍ର ବିଶ୍ୱରେ ଏହି ଫିଲ୍ମଟି ୪୮ କୋଟି ଟଙ୍କା ଆୟ କରିଥିଲା ।





## ଏମ୍‌ଏସ୍ ଧୋନୀ ଦି ଅନ୍‌ଟୋଲ୍‌ଡ ଷ୍ଟୋରୀ

ସୁଶାନ୍ତ ସିଂ ରାଜପୁତଙ୍କ ଅଭିନୀତ 'ଏମ୍‌ଏସ୍ ଧୋନୀ ଦି ଅନ୍‌ଟୋଲ୍‌ଡ ଷ୍ଟୋରୀ' ଫିଲ୍ମ ସଫଳ ବାୟୋପିକ୍ ଫିଲ୍ମ ମଧ୍ୟରୁ ଅନ୍ୟତମ । ଏଥିରେ ମହେନ୍ଦ୍ର ସିଂ ଧୋନୀଙ୍କ ସାଧାରଣ ଜୀବନରୁ ନେଇ ଭାରତୀୟ କ୍ରିକେଟ୍ ଟିମ୍‌ର ସଫଳ କ୍ୟାପ୍‌ଟେନ୍ ହେବା ପର୍ଯ୍ୟନ୍ତ ସଂଘର୍ଷମୟ ଯାତ୍ରାକୁ ଦେଖାଯାଇଛି । ରାଞ୍ଚିର ଏକ ସାଧାରଣ ପରିବାରରେ ଜନ୍ମ ନେଇଥିବା ଧୋନୀ ପ୍ରଥମେ ଫୁଟ୍‌ବଲ୍ ଗୋଲକିପର୍ ଥିଲେ । ପରବର୍ତ୍ତୀ ସମୟରେ କୋଚ୍‌ଙ୍କ ପରାମର୍ଶରେ ସେ କ୍ରିକେଟରେ ୱିକେଟ୍ କିପିଙ୍ଗ କରିଥିଲେ । ଏହି ଫିଲ୍ମ ସୁପରହିଟ୍ ହେବା ସହ ପାଖାପାଖି ୨୧୫-୨୫୦ କୋଟି ଟଙ୍କା ଆୟ କରିଥିଲା ।





## ଦଙ୍ଗଲ

ପହିଲିବାନ୍ ମହାବୀର ସିଂ ଫୋଗଟ୍ ଏବଂ ତାଙ୍କ ଝିଅ ଗୀତା, ବବିତା ଫୋଗଟ୍‌ଙ୍କ ସଂଘର୍ଷ ଏବଂ ବାସ୍ତବିକ ଜୀବନୀ ଉପରେ ଆଧାରିତ 'ଦଙ୍ଗଲ' ଫିଲ୍ମ । ଏହି ଫିଲ୍ମରେ ମହାବୀର ସମାଜ ବିରୋଧରେ ଯାଇ ନିଜ ଝିଅମାନଙ୍କୁ କିଭଳି କୁସ୍ତିରେ ପ୍ରଶିକ୍ଷିତ କରିଛନ୍ତି ତାହା ପ୍ରଦର୍ଶିତ ହୋଇଛି । ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅମିର ଖାନ୍ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ଏହି ଫିଲ୍ମଟି ସୁପରହିଟ୍ ହେବା ସହ ବକ୍ସ ଅଫିସ୍‌ରେ ଐତିହାସିକ ରେକର୍ଡ ସୃଷ୍ଟି କରିଥିଲା । ଏହି ଫିଲ୍ମ ବିଶ୍ୱରେ ୨୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥିଲା ।




## ଅଜ୍‌ହର

ଅନ୍ତର୍ଜାତୀୟ କ୍ରିକେଟର ମହମ୍ମଦ ଆଝାରୁଦ୍ଦୀନଙ୍କ ଉପରେ ପର୍ଯ୍ୟବସିତ । ଏହି ଫିଲ୍ମ ୨୦୧୬ ମସିହାରେ ମୁକ୍ତିଲାଭ କରିଥିଲା । ଆଝାରୁଦ୍ଦୀନଙ୍କ ଜୀବନୀ ଉପରେ ନିର୍ମିତ ଏହି ଫିଲ୍ମରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ପ୍ରଦର୍ଶିତ କରାଯାଇଛି । ଏଥିରେ ଇମ୍ରାନ୍ ହାସମୀ, ପ୍ରାଚୀ ଦେସାଇ, ନରଗୀସ ପାଖରୀ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ଏହି ସିନେମାଟି ୫୨ କୋଟିରୁ ଅଧିକ ଟଙ୍କା ଆୟ କରିଥିଲା ।




## ଭାଗ୍ ମିଲ୍‌ଖା ଭାଗ୍

ଭାରତର କିମ୍ବଦନ୍ତୀ ଧାବକ ମିଲ୍‌ଖା ସିଂଙ୍କ ଜୀବନୀ ଉପରେ ଆଧାରିତ 'ଭାଗ୍ ମିଲ୍‌ଖା ଭାଗ୍' ସିନେମା । ରାକେଶ ଓମ୍ ପ୍ରକାଶ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ ଫର୍‌ହାନ୍ ଅଖ୍‌ତର ଏଥିରେ ମିଲ୍‌ଖା ସିଂ ଚରିତ୍ରରେ ଅଭିନୟ କରିଥିଲେ । ଏହି ସିନେମାରେ ମିଲ୍‌ଖା ସିଂଙ୍କ ସଂଘର୍ଷମୟ ଜୀବନ, କ୍ରୀଡ଼ା ଜଗତ ପ୍ରତି ଅବଦାନ, ଦେଶଭକ୍ତି ଉପରେ ପ୍ରଦର୍ଶିତ କରାଯାଇଛି । ଫିଲ୍ମର କାହାଣୀ ୧୯୬୦ ମସିହା ରୋମ୍ ଅଲିମ୍ପିକରୁ ଆରମ୍ଭ ହୋଇଛି । ଏହା ଦର୍ଶକଙ୍କୁ ପ୍ରେରିତ କରିବା ସହ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଥିଲା ।




## ଚନ୍ଦୁ ଚମ୍ପିୟନ୍

କବିର ଖାନ୍ ନିର୍ଦ୍ଦେଶିତ ଓ କାର୍ତ୍ତିକ ଆର୍ଯ୍ୟନ ଅଭିନୀତ 'ଚନ୍ଦୁ ଚାମ୍ପିୟନ' ଏକ ଜୀବନୀ ଆଧାରିତ ଫିଲ୍ମ । ଭାରତର ପ୍ରଥମ ପାରା ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ମୁରଲିକାନ୍ତ ପେଟକରଙ୍କ ଜୀବନୀ ଉପରେ ପର୍ଯ୍ୟବସିତ । ୧୯୬୫ ମସିହା ଯୁଦ୍ଧରେ ଗୁଳିବାଜି ଗଭୀର କ୍ଷତ ପରେ ମଧ୍ୟ ସେ ହାର ମାନି ନଥିଲେ । ଏହା ସତ୍ତ୍ୱେ ସେ ୧୯୭୨ ମସିହାରେ ହିଡଲିବର୍ଗ ପାରା ଅଲିମ୍ପିକରେ ଖେଳି ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଆଣିଥିଲେ । ତାଙ୍କ ବାସ୍ତବ ଜୀବନ ଉପରେ ଆଧାରିତ ଏହା ଏକ ପ୍ରେରଣାଦାୟୀ ଫିଲ୍ମ । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୮୮. ୭୩ କୋଟି ଟଙ୍କା ଆୟ କରିଥିଲା । ■




# ସିନେମାରେ ରାଜନେତା

**ହିନ୍ଦୀ ସିନେମାରେ କେବଳ ଆକ୍ସନ, ରୋମାନ୍ସ, ଇମୋସନ ନୁହେଁ, ବରଂ ବାୟୋପିକ୍‌ର ଧାରା ବି ଦେଖିବାକୁ ମିଳିଛି । ଯେଉଁଥିରେ ଦେଶର ରାଜନୈତିକ ଘଟଣା ଏବଂ ଲୋକପ୍ରିୟ ରାଜନେତାଙ୍କ ଜୀବନୀ ଉପରେ ଆଧାରିତ କେତେକ ସିନେମା ସାମିଲ ଅଛି । ରାଜନେତାଙ୍କ ଜୀବନକୁ ନେଇ ନିର୍ମିତ ସେଭଳି କିଛି ଚର୍ଚ୍ଚିତ ବାୟୋପିକ୍‌କୁ ନେଇ ଏଇ ସ୍ୱତନ୍ତ୍ର ପ୍ରତିବେଦନ ।**

## ଠାକ୍‌ରେ

ଅଭିଜିତ ପାନ୍‌ସେଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଠାକ୍‌ରେ' ସିନେମା ୨୦୧୯ ମସିହାରେ ମୁକ୍ତିଲାଭ କରିଥିଲା । ସିନେମାଟି ଶିବସେନା ପାର୍ଟିର ସଂସ୍ଥାପକ ବାଲା ସାହେବ ଠାକରେଙ୍କ ଉପରେ ଆଧାରିତ । ଏଥିରେ ନବାଜୁଦ୍ଦିନ ସିଦ୍ଦିକି ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ସେହିପରି ନବାଜଙ୍କ ପତ୍ନୀ ମୀନା ଠାକରେଙ୍କ ଚରିତ୍ରରେ ଅମୃତା ରାଓ ଅଭିନୟ କରିଥିଲେ । ଫିଲ୍ମରେ ଠାକରେଙ୍କ ଜୀବନୀର ପ୍ରମୁଖ ଘଟଣା ଓ ତାଙ୍କ ଉପଲବ୍ଧି ଦେଖିବାକୁ ମିଳେ ।

## ଏନ୍.ଟି.ଆର୍ କଥାନାୟକୁଡୁ


ଅଭିନେତା, ନିର୍ଦ୍ଦେଶକ ତଥା ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦାମୁରୀ ତାରକ ରାମା ରାଓଙ୍କ ଜୀବନ ଉପରେ ଆଧାରିତ 'ଏନ୍.ଟି.ଆର୍: କଥାନାୟକୁଡୁ' ସିନେମା । ଏହି ଫିଲ୍ମରେ ନନ୍ଦମୁରୀ ବାଲକୃଷ୍ଣ ଓ ବିଦ୍ୟା ବାଲନ ମୁଖ୍ୟ ଭୂମିକାରେ ନଜର ଆସିଥିଲେ । ବିଦ୍ୟା ବାଲନ ଏହି ସିନେମାରୁ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଡେବ୍ୟୁ କରିଥିଲେ । ଏହି ଫିଲ୍ମ ରାମା ରାଓଙ୍କର ଫିଲ୍ମ ତାରାକ ହେବା ଠାରୁ ଆରମ୍ଭ କରି ରାଜନେତା ହେବାର ଯାତ୍ରାକୁ ପ୍ରଦର୍ଶିତ କରାଯାଇଛି । ବକ୍ସ ଅଫିସ୍‌ରେ କିନ୍ତୁ ଏହା ସେତେଟା ହିଟ୍ ହୋଇପାରି ନ ଥିଲା ।


## ଦ ଆକ୍ସିଡେଣ୍ଟାଲ ପ୍ରାଇମ ମିନିଷ୍ଟର


ବିଜୟ ରତ୍ନାକର ଗୁଟ୍ଟେଙ୍କ ନିର୍ଦ୍ଦେଶିତ ସିନେମା 'ଦ ଆକ୍ସିଡେଣ୍ଟାଲ ପ୍ରାଇମ ମିନିଷ୍ଟର' ୨୦୧୯ ମସିହାରେ ମୁକ୍ତିଲାଭ କରିଥିଲା । ଏହା ସଞ୍ଜୟ ବାରୁଙ୍କ ପୁସ୍ତକ 'ଦ ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର' ଉପରେ ଆଧାରିତ । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଜୀବନ ଉପରେ ଏହା ପର୍ଯ୍ୟବସିତ । ମନମୋହନ ସିଂହଙ୍କ ଭୂମିକାରେ ଅନୁପମ ଖେର ଅଭିନୟ କରିଥିଲେ । ସେହିପରି ସୋନିଆ ଗାନ୍ଧୀଙ୍କ ଚରିତ୍ରରେ ସୁଜେନ ବର୍ନେଟ, ରାହୁଲ ଗାନ୍ଧୀ ଚରିତ୍ରରେ ଅର୍ଜୁନ ମାଥୁର, ପ୍ରିୟଙ୍କା ଗାନ୍ଧୀ ଚରିତ୍ରରେ ଅହାନା କୁମରା ଅଭିନୟ ଥିଲେ । ତେବେ ସିନେମା ରିଲିଜ ହେବା ପୂର୍ବରୁ ଏହାକୁ ନେଇ ପ୍ରଥମେ ବିବାଦ ଦେଖିବାକୁ ମିଳିଥିଲା ।


## ସତ୍ୟାଗ୍ରହ


୨୦୧୩ରେ ବଡ଼ ପରଦାକୁ ଆସିଥିଲା 'ସତ୍ୟାଗ୍ରହ' ସିନେମା । ଭାରତର ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନ ଉପରେ ଏହାର କାହାଣୀ ଆଧାରିତ ଥିଲା । ତେବେ ଏହି ସିନେମା ଆନ୍ନା ହଜାରେଙ୍କ ଉପରେ ତିଆରି କରାଯାଇଥିଲା । ଅନ୍ନା ହଜାରେ ଚରିତ୍ରରେ ଅମିତାଭ ଅଭିନୟ କରିଥିଲେ । ସେହିପରି ଅଜୟ ଦେବଗନ, କରୀନା କପୁର, ଅର୍ଜୁନ ରାମପାଲ, ମନୋଜ ବାଜପେୟୀ ଅନ୍ୟ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ ।








## ଆନ୍ଧୀ


୧୯୭୫ ମସିହାରେ ରିଲିଜ୍ ହୋଇଥିଲା ଫିଲ୍ମ 'ଆନ୍ଧୀ' । ଏହି ଫିଲ୍ମରେ ସୁଚିତ୍ର ସେନ ଏବଂ ରାଜୀବ କପୁର ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ଏହି ଫିଲ୍ମର କାହାଣୀ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଧାରିତ । ବିବାଦୀୟ କାହାଣୀ ଯୋଗୁଁ ଫିଲ୍ମଟିକୁ ବ୍ୟାନ କରିବାକୁ ଦାବି ହୋଇଥିଲା । ପରେ କିଛି ଦୃଶ୍ୟକୁ ରିସୁଟ୍ କରାଯାଇ ଫିଲ୍ମକୁ ଦ୍ୱିତୀୟ ଥର ରିଲିଜ୍ କରାଯାଇଥିଲା ।

## ସରକାର

ରାମଗୋପଲ ବର୍ମାଙ୍କ ନିର୍ଦ୍ଦେଶିତ 'ସରକାର' ସିନେମା ବି ରାଜନୀତି ଉପରେ ଆଧାରିତ । ଏହି ଫିଲ୍ମରେ ଅମିତାଭ ବଚ୍ଚନ ଓ ଅଭିଷେକ ବଚ୍ଚନ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ଏହି ସିନେମାଟି ହଲିଉଡ୍‌ର 'ଦ ଗଡ୍‌ଫାଦର' ଏବଂ ବାଲ ଠାକରେଙ୍କ ରାଜନୈତିକ ପ୍ରଭାବରୁ ପ୍ରେରିତ । ଫିଲ୍ମରେ କ୍ଷମତା, ରାଜନୀତି, ଜନତାଙ୍କ ଉପରେ ପ୍ରଭାବ ପକାଉଥିବା ନେତାଙ୍କ କ୍ଷମତାକୁ ସୁନ୍ଦର ଭାବେ ଦେଖାଇବାକୁ ଚେଷ୍ଟା କରାଯାଇଥିଲା । ଫିଲ୍ମଟି ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା ।

## ମେଁ ଅଟଲ ହୁଁ

'ମେଁ ଅଟଲ ହୁଁ' ସିନେମା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୀବନ ଉପରେ ଆଧାରିତ । ତେବେ ଏହି ସିନେମା 'ଦ ଅନଟୋଲଡ୍ ବାଜପେୟୀ' ପୁସ୍ତକ ଉପରେ ଆଧାରିତ । ଏଥିରେ ବାଜପେୟୀଙ୍କ ଜୀବନର ରୋମାଞ୍ଚଠାରୁ ଆରମ୍ଭ କରି ରାଜନୈତିକ ଯାତ୍ରାକୁ ଦର୍ଶାଇଛି । ଫିଲ୍ମରେ ପଙ୍କଜ ତ୍ରିପାଠୀ ଅଟଳ ଚରିତ୍ରରେ ଅଭିନୟ କରିଥିବା ଦେଖାଯାଇଥିଲା । ରବି ଯାଦବଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ପଙ୍କଜଙ୍କ ଅଭିନୟର ଖୁବ୍ ପ୍ରଶଂସା କରାଯାଇଥିଲା ।





## ଥଲାଇଭି

୨୦୨୧ ମସିହାରେ କଙ୍ଗନା ରଣାୱତଙ୍କ ଅଭିନୀତ 'ଥଲାଇଭି' ସିନେମା ପ୍ରେକ୍ଷାଳୟକୁ ଆସିଥିଲା । ୧୪ ବର୍ଷ ଧରି ତାମିଲନାଡୁର ମୁଖ୍ୟମନ୍ତ୍ରୀ ରହିଥିବା ଜେ. ଜୟଲଳିତାଙ୍କ ଜୀବନ ଉପରେ ଏହି ସିନେମା ଆଧାରିତ । ଜୟଲଳିତାଙ୍କ ଭୂମିକାରେ କଙ୍ଗନା ନଜର ଆସିଥିଲେ । ଏଏଲ ବିଜୟ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ । ଏହି ସିନେମା ତାମିଲ, ତେଲୁଗୁ ଓ ହିନ୍ଦୀ ଭାଷାରେ ମୁକ୍ତିଲାଭ କରିଥିଲା ।




## ଆନ୍ ଇନସିଗନିଫିକେଣ୍ଟ ମ୍ୟାନ୍

ଖୁସ୍‌ବୁ ରାଙ୍କା ଓ ବିନୟ ଶୁକ୍ଳାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ସିନେମା ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଉଦୟ ଉପରେ ଆଧାରିତ । ଏହି ସିନେମାରେ ଯୋଗେନ୍ଦ୍ର ଯାଦବ, ଶାନ୍ତି ଭୂଷଣ, ମନୀଷ ସିସୋଦିୟାଙ୍କୁ ବି ଦେଖିବାକୁ ମିଳିଛି ।




## ପିଏମ୍ ନରେନ୍ଦ୍ର ମୋଦୀ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନ ଉପରେ ଆଧାରିତ ସିନେମା 'ପିଏମ୍ ନରେନ୍ଦ୍ର ମୋଦୀ' ୨୦୧୯ ମସିହାରେ ମୁକ୍ତିଲାଭ କରିଥିଲା । ପିଏମ୍ ନରେନ୍ଦ୍ର ମୋଦିଙ୍କ ଜୀବନରେ ଘଟିଥିବା ପ୍ରମୁଖ ଘଟଣା ସବୁ ଏଥିରେ ଦେଖିବାକୁ ମିଳିଥିଲା । ଫିଲ୍ମର କାହାଣୀ ଏକ ଗରିବ ପିଲା ଚା' ବିକ୍ରି କରୁଥିବାରୁ ଆରମ୍ଭ ହୋଇଛି । ପରେ ସେ କିଭଳି ପ୍ରଧାନମନ୍ତ୍ରୀ ହୋଇଛି, ତାହାକୁ ସୁନ୍ଦର ଭାବେ ଦୃଶ୍ୟାୟିତ କରାଯାଇଛି । ଏହି ଫିଲ୍ମରେ ବିବେକ ଓବରୟ ନରେନ୍ଦ୍ର ମୋଦୀଙ୍କ ଚରିତ୍ରରେ ନଜର ଆସିଥିଲେ । ମନୋଜ ଯୋଶୀ ଅମିତ ଶାହଙ୍କ ଭୂମିକାରେ ଅଭିନୟ କରିଥିଲେ । ତେବେ ଫିଲ୍ମ ରିଲିଜ୍‌କୁ ନେଇ ବିବାଦ ବି ଦେଖା ଦେଇଥିଲା । ■

# ରିଲ୍‌ରେ ରିଅଲ୍ ଲାଇଫ୍

ଜବରଦସ୍ତ ଆକ୍ସନ, ରୋମାନ୍ସ ଆଉ ଇମୋସନକୁ ନେଇ ତିଆରି ହୁଏ ସିନେମା । ହେଲେ ଅଧୁନା ସମୟ ସହିତ ତାଳ ଦେଇ ଦର୍ଶକଙ୍କ ରୁଚିରେ ଆସିଛି ପରିବର୍ତ୍ତନ । ଅଯଥା ଡ୍ରାମା, ଚିରାଚରିତ ପ୍ରେମକାହାଣୀ ବଦଳରେ ଦର୍ଶକ ସତ୍ୟ କାହାଣୀ ଆଧାରିତ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି । ଭାରତୀୟ ସିନେମା ଜଗତରେ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ ଆଧାରିତ ଫିଲ୍ମଗୁଡ଼ିକ ସର୍ବଦା ନୂଆ ପିଢିର ଦର୍ଶକଙ୍କ ମନକୁ ସ୍ପର୍ଶ କରିପାରୁଛି । ସମାଜସେବୀ, ଅଭିନେତା, ଅଭିନେତ୍ରୀ, ଦକ୍ଷ ଓ ସଚ୍ଚୋଟ ଅଫିସରଙ୍କ ବାସ୍ତବ ଜୀବନ କାହାଣୀକୁ ଦର୍ଶକେ ଅଧିକ ପସନ୍ଦ କରୁଛନ୍ତି । ସଂଘର୍ଷ, ସାହସ, ପ୍ରେରଣା ଓ ସାମାଜିକ ପରିବର୍ତ୍ତନର କଥା ବଖାଣୁଥିବା କିଛି ବାୟୋପିକ୍‌କୁ ନେଇ ସ୍ୱତନ୍ତ୍ର ଆଲେଖ୍ୟ ।




## ଡା. ବାବାସାହେବ ଆମ୍ବେଦକର




୨୦୦୦ ମସିହାରେ ରିଲିଜ୍ ହୋଇଥିଲା ଜବ୍ବାର ପଟେଲଙ୍କ ନିର୍ଦ୍ଦେଶିତ 'ଡା. ବାବାସାହେବ ଆମ୍ବେଦକର' ଚଳଚ୍ଚିତ୍ର । ବାବାସାହେବ ଆମ୍ବେଦକର ଭୂମିକାରେ ସାଉଥ୍ ଅଭିନେତା ମାମୁଟ୍ଟୀ ଅଭିନୟ କରିଥିଲେ । ସମାଜର ଛୁଆଁଅଛୁଆଁ ଭେଦଭାବ ବିରୋଧରେ ଡା. ଆମ୍ବେଦକରଙ୍କ ଲଢ଼େଇ, ଦଳିତମାନଙ୍କ ଅଧିକାର ପାଇଁ ଦାବି ଓ ଭାରତର ସମ୍ବିଧାନ ପ୍ରଣୟନରେ ତାଙ୍କର ପ୍ରମୁଖ ଭୂମିକାକୁ ନେଇ ଏହି ଫିଲ୍ମଟି ନିର୍ମିତ ହୋଇଛି ।

## ସତ୍ୟାଗ୍ରହ




୨୦୧୩ରେ ମୁକ୍ତିଲାଭ କରିଥିଲା ସିନେମା 'ସତ୍ୟାଗ୍ରହ' । ପ୍ରକାଶ ଝାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଦେଶରେ ଦୁର୍ନୀତି ଏବଂ ସାଧାରଣ ଲୋକଙ୍କ ପ୍ରତିବାଦର କାହାଣୀ ଉପରେ ନିର୍ମିତ । ଏଥିରେ ଅମିତାଭ ବଚ୍ଚନ, ଅଜୟ ଦେବଗନ, କରୀନା କପୁର, ଅର୍ଜୁନ ରାମପାଲ ଓ ମନୋଜ ବାଜପେୟୀ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଫିଲ୍ମର କାହାଣୀ ଆନ୍ନା ହଜାରେଙ୍କ ଜୀବନୀରୁ ଅନୁପ୍ରାଣିତ । ଜଣେ ଅବସରପ୍ରାପ୍ତ ସ୍କୁଲ ପ୍ରଧାନଶିକ୍ଷକଙ୍କ ପୁଅର ମୃତ୍ୟୁ ଏବଂ ନ୍ୟାୟ ପାଇଁ ଲଢ଼େଇରୁ ଏହି ଆନ୍ଦୋଳନ ଆରମ୍ଭ ହୁଏ । ବ୍ୟକ୍ତିଗତ ଦୁଃଖ ଓ ପରିବାରର କ୍ଷତି ପରେ ଜଣେ ଆଦର୍ଶବାଦୀ ବୃଦ୍ଧ ଏବଂ ତାଙ୍କ ସାଥୀମାନେ କିପରି ସରକାରୀ ଓ ରାଜନୈତିକ ଦୁର୍ନୀତି ବିରୋଧରେ ଲଢେଇ ଆରମ୍ଭ କରନ୍ତି, ତାହା ଏଥିରେ ଦର୍ଶାଯାଇଛି । ଅମିତାଭ ବଚ୍ଚନ 'ଦାଦୁଜି' ଏବଂ ମନୋଜ ବାଜପେୟୀ ଜଣେ ଚତୁର ଓ ଦୁର୍ନୀତିଗ୍ରସ୍ତ ରାଜନେତା ଭାବେ ଚମତ୍କାର ଅଭିନୟ କରିଥିଲେ ।

## ସଞ୍ଜୁ




ରାଜକୁମାର ହିରାନୀଙ୍କ ନିର୍ଦ୍ଦେଶିତ 'ସଞ୍ଜୁ' ସିନେମା ୨୦୧୮ ମସିହାରେ ରିଲିଜ୍ ହୋଇଥିଲା । ଏହି ସିନେମାଟି ଅଭିନେତା ସଞ୍ଜୟ ଦତ୍ତଙ୍କ ବିବାଦୀୟ ଜୀବନ ଆଧାରିତ । ଏଥିରେ ସଞ୍ଜୟ ଦତ୍ତଙ୍କ ଭୂମିକାରେ ନଜର ଆସିଥିଲେ ରଣବୀର କପୁର । ଫିଲ୍ମରେ ସଞ୍ଜୟଙ୍କ ବନ୍ଧୁ, ପିତା ଓ ପତ୍ନୀଙ୍କ ସହ ସମ୍ପର୍କ ସହିତ ତାଙ୍କର ଫିଲ୍ମ କ୍ୟାରିୟର, ନିଶା ସେବନ, ନିଶା ନିବାରଣରେ ବିତାଇଥିବା ସମୟ, ମୁମ୍ବାଇ ବିସ୍ଫୋରଣ ମାମଲା, ଆତଙ୍କବାଦ ଅଭିଯୋଗ, ଜେଲ ସଜା ଓ ବ୍ୟକ୍ତିଗତ ଜୀବନର ବିଭିନ୍ନ ଦିଗକୁ ଚମତ୍କାର ଢଙ୍ଗରେ ଉପସ୍ଥାପନ କରିଛନ୍ତି ରାଜକୁମାର ହିରାନୀ ।

# ପରଦାରେ ମୋଷ୍ଟ ୱାଣ୍ଟେଡ୍

ସମାଜରେ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଲଢୁଥିବା ବ୍ୟକ୍ତିଙ୍କ ଜୀବନୀକୁ ନେଇ ତିଆରି ହୋଇଛି ଅନେକ ସିନେମା । ହେଲେ ଆଉ କିଛି ସିନେମା ରହିଛି ଯାହାର କାହାଣୀ ମନ ଭିତରେ ଏକ ଅଜଣା ଭୟ ସୃଷ୍ଟି କରେ । ଗ୍ୟାଙ୍ଗଷ୍ଟର ଅବ୍‌ଦୁଲ ଲତିଫ୍ ଶେଖର, ଦସ୍ୟୁରାଣୀ ଫୁଲନ ଦେବୀ ହୁଅନ୍ତୁ ବା ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମଙ୍କ ଭଉଣୀ ହସୀନା ପାର୍କରଙ୍କ ଜୀବନୀକୁ ନେଇ ତିଆରି ହୋଇଥିବା ସିନେମାର ଛାତିଥରା ଦୃଶ୍ୟ ଆଜି ବି ଦର୍ଶକଙ୍କୁ ଏକ ଭିନ୍ନ ଧରଣର ସ୍ୱାଦ ଦେଇଥାଏ ।

## ବ୍ୟାଣ୍ଡିଟ୍ କୁଇନ୍




ଦସ୍ୟୁରାଣୀ ଫୁଲନ ଦେବୀ ଭାରତର ବ୍ୟାଣ୍ଡିଟ୍ କୁଇନ୍ ବା ଡାକୁରାଣୀ ଭାବେ ପରିଚିତ । ଦସ୍ୟୁରାଣୀରୁ ରାଜନେତ୍ରୀ ହୋଇଥିବା ଫୁଲନ ଦେବୀଙ୍କ ଜୀବନୀକୁ ନେଇ ନିର୍ଦ୍ଦେଶକ ଶେଖର 'ବ୍ୟାଣ୍ଡିଟ୍ କୁଇନ୍' ସିନେମା ତିଆରି କରିଥିଲେ । ଏଥିରେ ଫୁଲନ୍ ଦେବୀଙ୍କ ଭୂମିକାରେ ସୀମା ବିଶ୍ୱାସ ଚମତ୍କାର ଅଭିନୟ କରିଥିଲେ । ଉତ୍ତରପ୍ରଦେଶର ଏକ ଗରିବ ପରିବାରରେ ଜନ୍ମ ନେଇଥିବା ଫୁଲନ ଦେବୀଙ୍କ ଜୀବନ ଦାରିଦ୍ର୍ୟ, ଜାତିବାଦ, ଲିଙ୍ଗଭେଦ, ଯୌନ ନିର୍ଯାତନା ଓ ପ୍ରତିଶୋଧର କାହାଣୀକୁ ଏହି ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଛି । ବାଲ୍ୟକାଳରେ ସେ ଗଣଦୁଷ୍କର୍ମର ଶିକାର ହୋଇଥିଲେ । ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ପାଇଁ ସେ ଏକ ଡକାୟତ ଗ୍ୟାଙ୍ଗ ଗଠନ କରିଥିଲେ । ପ୍ରତିଶୋଧ ପରାୟଣ ହୋଇ ସେ ୨୦ ଜଣ ପୁରୁଷଙ୍କୁ ହତ୍ୟା କରିଥିଲେ । ପରେ ଫୁଲନ ଦେବୀ ଜେଲ୍‌ରୁ ଫେରି ସାଂସଦ ହୋଇଥିଲେ । ସେ ନିମ୍ନ ଜାତି, ମହିଳା ଓ ଗରିବଙ୍କ ଅଧିକାର ପାଇଁ କାମ କରିଥିଲେ । ତେବେ ଏହି ଚଳଚ୍ଚିତ୍ରଟି ଶ୍ରେଷ୍ଠ ହିନ୍ଦୀ ସିନେମା ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲା ।

## ହସୀନା ପାର୍କର



୨୦୧୭ ମସିହାରେ ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିଲା 'ହସୀନା ପାର୍କର । ଏହି ସିନେମାଟି ଭାରତର ଆତଙ୍କବାଦୀ ତଥା ଅଣ୍ଡରୱାଲ୍‌ଡୋ ଡନ୍ ଦାଉଦ ଇବ୍ରାହିମଙ୍କ ଭଉଣୀ ହସୀନା ପାର୍କର ଜୀବନୀ ଆଧାରିତ । ଏହି ସିନେମାରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶ୍ରଦ୍ଧା କପୁର ମୁଖ୍ୟ । ସିଦ୍ଧାର୍ଥ କପୁର ଦାଉଦ ଇବ୍ରାହିମଙ୍କ ଭୂମିକାରେ ନଜର ଆସିଥିଲେ । ଫିଲ୍ମଟି ବକ୍ସ ଅଫିସରେ ବିଫଳ ହୋଇଥିବାବେଳେ ଶ୍ରଦ୍ଧାଙ୍କ ଅଭିନୟକୁ ପ୍ରଶଂସା କରାଯାଇଥିଲା ।

## ରଇସ୍



ରାହୁଲ ଢୋଲକିଆଙ୍କ ନିର୍ଦ୍ଦେଶନାରେ ୨୦୧୭ରେ ମୁକ୍ତିଲାଭ କରିଥିଲା ଚଳଚ୍ଚିତ୍ର 'ରଇସ' । ବଲିଉଡ୍ ଅଭିନେତା ଶାହରୁଖ ଖାନଙ୍କ ଅଭିନୀତ ଏହି ବାୟୋପିକ୍ ଗୁଜରାଟୀ ଗ୍ୟାଙ୍ଗଷ୍ଟର ଅବ୍‌ଦୁଲ ଲତିଫ୍ ଶେଖର ଜୀବନ ଉପରେ ଆଧାରିତ । ଏଥିରେ ଶାହରୁଖ ଜଣେ ଡନ୍ ଭୂମିକାରେ ଦମଦାର ଅଭିନୟ କରିଥିଲେ । ପ୍ରମୁଖ କଳାକାରଙ୍କ ମଧ୍ୟରେ ନୱାଜୁଦ୍ଦିନ୍ ସିଦ୍ଦିକ ଉଚ୍ଚକୋଟୀର ଅଭିନୟ କରିଥିଲେ । ଏହି ସିନେମାର ଗୀତଗୁଡ଼ିକ ଦର୍ଶକୀୟ ଆଦୃତି ହୋଇଥିବାବେଳେ ଫିଲ୍ମ ଭଲ ବ୍ୟବସାୟ ମଧ୍ୟ କରିଥିଲା । ■

## ମାଞ୍ଝି: ଦ ମାଉଣ୍ଟେନ୍ ମ୍ୟାନ୍



୨୦୧୫ ମସିହାରେ 'ମାଞ୍ଝି: ଦ ମାଉଣ୍ଟେନ୍ ମ୍ୟାନ' ସିନେମା ବଡ଼ ପରଦାରେ ମୁକ୍ତିଲାଭ କରିଥିଲା । କେତନ ମେହେଟ୍ଟାଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ବିହାରର ଗେହ୍ଲୋର ଗାଁ'ର 'ମାଉଣ୍ଟେନ୍ ମ୍ୟାନ୍' ଦଶରଥ ମାଞ୍ଝିଙ୍କ ଜୀବନୀ ଉପରେ ଆଧାରିତ । ଗମନାଗମନର ସୁବିଧା ନ ଥିବାରୁ ଦଶରଥଙ୍କ ଗର୍ଭବତୀ ପତ୍ନୀ ହସ୍‌ପିଟାଲରେ ଠିକ୍ ସମୟରେ ପହଞ୍ଚି ପାରୁ ନଥିଲେ । ପାହାଡ଼ ପାର ସମୟରେ ପତ୍ନୀ ଫାଗୁନିଆଙ୍କ ଜୀବନ ଚାଲିଯାଇଥିଲା । ଏହି ଘଟଣା ଦଶରଥଙ୍କୁ ଏତେ ପ୍ରଭାବିତ କରିଥିଲା ଯେ, ସେ ଏକାକୀ ହାତୁଡ଼ି ଓ ଛେଣିରେ ଦୀର୍ଘ ୨୨ ବର୍ଷ ଧରି ପାହାଡ଼ କାଟି ରାସ୍ତା ତିଆରି କରିଥିଲେ । ଦଶରଥଙ୍କ କଠିନ ପରିଶ୍ରମକୁ କେତନ ମେହେଟ୍ଟା ପରଦାରେ ସୁନ୍ଦର ଭାବେ ରୂପାୟନ କରିଛନ୍ତି । ଏହି ଫିଲ୍ମରେ ଦଶରଥ ମାଞ୍ଝି ଭୂମିକାରେ ନୱାଜୁଦ୍ଦିନ ସିଦ୍ଦିକି ଓ ମାଞ୍ଝିଙ୍କ ପତ୍ନୀ ତଥା ଫାଗୁନିଆ ଭୂମିକାରେ ରାଧିକା ଆପ୍ଟେ ନିଖୁଣ ଓ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ ।

## ଦ ଡାର୍ଟି ପିକଚର୍



ସିନେମାଟି ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସିଲ୍‌କ ସ୍ମିତାଙ୍କ ଜୀବନୀ ଆଧାରିତ ଚଳଚ୍ଚିତ୍ର ହେଉଛି ମିଲନ ଲୁଥରିଆଙ୍କ ନିର୍ଦ୍ଦେଶିତ ସିନେମା 'ଦ ଡାର୍ଟି ପିକଚର୍' । ଏହି ସିନେମାରେ ସିଲ୍‌କ ସ୍ମିତା ଭୂମିକାରେ ବିଦ୍ୟା ବାଲାନ ଅଭିନୟ କରିଥିଲେ । ଅଭିନେତ୍ରୀ ଭାବେ ଶୀର୍ଷ ସ୍ଥାନ ବଜାୟ ରଖିବାକୁ ଜଣେ ଯୁବତୀଙ୍କୁ କେତେ ସଂଘର୍ଷ କରିବାକୁ ପଡୁଛି ତାହା ସିନେମାରେ ଦେଖିବାକୁ ମିଳିଛି । ସିନେମାରେ ନାସୀରୁଦ୍ଦୀନ ଶାହା, ଇମ୍ରାନ ହାସମୀ ଓ ତୁଷାର କପୁରଙ୍କ ଜବରଦସ୍ତ ଷ୍ଟାରକାଷ୍ଟ ଦେଖିବାକୁ ମିଳିଥିଲା । ବିଦ୍ୟାବାଲାନ ଏହି ଫିଲ୍ମ ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ ।


## ଗଙ୍ଗୁବାଇ କାଠିଆୱାଡି



ସଞ୍ଜୀଲ ଲୀଲା ଭଁସାଲିଙ୍କ ନିର୍ଦ୍ଦେଶିତ 'ଗଙ୍ଗୁବାଇ କାଠିଆୱାଡି' ସମାଜସେବୀ ଗଙ୍ଗୁବାଇ ହରଜୀବନଦାସଙ୍କ ଜୀବନ ଉପରେ ଆଧାରିତ । ଗଙ୍ଗୁବାଇ ଚରିତ୍ରରେ ଅଭିନେତ୍ରୀ ଆଲିଆ ଭଟ୍ଟ ଅଭିନୟ କରିଥିଲେ । ହିରୋଇନ୍ ହେବା ସ୍ୱପ୍ନ ଦେଖି ନିଜ ପ୍ରେମିକ ସହିତ ଘରୁ ପଳାଇଥିବା ଗଙ୍ଗା କୋଠିରେ ବିକ୍ରି ହେବା ପରେ ସେ ପାଲଟୁଛି ଚାନ୍ଦ ଗଙ୍ଗୁ । ଦରଜୀ ଅଫସାନ୍‌ଙ୍କ ସହ ପ୍ରେମ ଆଉ ପରେ ଅଣ୍ଡର୍ ୱାଲର୍ଡ ସହ କିପରି ଗଭୀର ସମ୍ପର୍କ ରଖି ବାରଙ୍ଗାନା ମହିଳାଙ୍କ ଜୀବନରେ ଆଲୋକ ଆଣିବାକୁ ଗଙ୍ଗୁବାଇ ସଂଘର୍ଷ କରୁଛି ତାହା ଏହି ସିନେମାର ମୂଳପୃଷ୍ଠ । ବାରାଙ୍ଗନାରୁ ସାମାଜିକ କର୍ମୀ ପାଲଟିଥିବା ଗଙ୍ଗୁବାଇ ପ୍ରଧାନମନ୍ତ୍ରୀଙ୍କୁ ଡରୁ ନ ଥିଲେ । ଆଲିଆଙ୍କ ବ୍ୟତୀତ ଅଜୟ ଦେବଗନ, ସୀମା ପାହୱା, ଶାନ୍ତନୁ ମାହେଶ୍ୱରୀ ପ୍ରମୁଖ ଏହି ଫିଲ୍ମରେ ନଜର ଆସିଥିଲେ ।

## ଟୁ୍ୱେଲଭ୍ ଫେଲ୍

୨୦୨୩ରେ ରିଲିଜ୍ ହୋଇଥିଲା ବିଧୁ ବିନୋଦ ଚୋପ୍ରାଙ୍କ ନିର୍ମିତ 'ଟୁ୍ୱେଲଭ୍ ଫେଲ୍' ସିନେମା । ଏହି ସିନେମାଟି ଆଇପିଏସ୍ ଅଫିସର୍ ମନୋଜ କୁମାର ଶର୍ମା ଓ ଆଇଆରଏସ୍ ଅଧିକାରୀ ଶ୍ରଦ୍ଧା ଯୋଷୀଙ୍କ ବାସ୍ତବ ଜୀବନୀ ଆଧାରିତ । ଏଥିରେ ମନୋଜଙ୍କ ଚରିତ୍ରକୁ ବିକ୍ରାନ୍ତ ମାସି ଜୀବନ୍ତ କରିଥିଲେ । ସାଧାରଣ ଗ୍ରାମୀଣ ଯୁବକ ମନୋଜ ଯୁକ୍ତ ଦୁଇ ପରୀକ୍ଷାରେ ଫେଲ୍ ହୋଇ କଠିନ ପରିଶ୍ରମ କରି କିପରି ଆଇପିଏସ୍ ଅଧିକାରୀ ହେଉଛନ୍ତି ତାହା ଏହି ସିନେମାରେ ଦେଖିବାକୁ ମିଳୁଛି । ବିକ୍ରମଙ୍କ ସମେତ ଏଥିରେ ମେଧା ଶଙ୍କର ଏବଂ ଅନ୍ୟ ସହକାରୀ କଳାକାର ଉଚ୍ଚକୋଟୀର ଅଭିନୟ କରିଥିଲେ । ବିକ୍ରାନ୍ତ ମାସେଙ୍କୁ ଏହି ଫିଲ୍ମ ପାଇଁ ମିଳିଥିଲା ଜାତୀୟ ପୁରସ୍କାର ।





## ଶେରଶାହ

୨୦୨୧ ମସିହାରେ ରିଲିଜ୍ ହୋଇଥିଲା 'ଶେରଶାହ' ସିନେମା । ବିଷ୍ଣୁ ବର୍ଦ୍ଧନଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ସେନାର ବୀରତ୍ୱର କାହାଣୀ ପର୍ଯ୍ୟବସିତ ଥିଲା । ପରମ ବୀର ଚକ୍ରରେ ସମ୍ମାନିତ ସେନା କ୍ୟାପ୍‌ଟେନ୍ ବିକ୍ରମ ବାତ୍ରାଙ୍କ ଜୀବନ ଯାତ୍ରାକୁ ଦର୍ଶାଇଥିଲା ଏହି ଫିଲ୍ମ । କାର୍‌ଗିଲରେ ପ୍ରତିକୂଳ ସ୍ଥିତିରେ କେମିତି ବିକ୍ରମ ନିଜର ନିର୍ଭୀକ ନେତୃତ୍ୱ ବଳରେ ଭାରତକୁ ବିଜୟୀ କରିଥିଲେ ତାହା ଏହି ସିନେମାର ପୃଷ୍ଠଭୂମି ଥିଲା । ଏହି ସିନେମାରେ ସିଦ୍ଧାର୍ଥ ମଲହୋତ୍ରା, କିଆରା ଆଡଭାନୀ ମୁଖ୍ୟ ଭୂମିକାରେ ନଜର ଆସିଥିଲେ ।




## ସୁପର ୩୦



୨୦୧୯ରେ ପରଦାରେ ରିଲିଜ୍ ହୋଇଥିଲା 'ସୁପର ୩୦' । ଏହି ଫିଲ୍ମଟି ବିହାରର ପ୍ରସିଦ୍ଧ ଗଣିତଜ୍ଞ ଆନନ୍ଦ କୁମାରଙ୍କ ଜୀବନୀ ଉପରେ ଆଧାରିତ । ଆନନ୍ଦଙ୍କ ପିଲାଦିନ ଅଭାବ ଅନଟନରେ ବିତିଥିଲା । ହେଲେ ଗଣିତରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଅର୍ଥାଭାବରୁ ସେ ବିଦେଶୀ ବିଶ୍ୱବିଦ୍ୟାଳୟକୁ ଯିବା ପାଇଁ ସଂଘର୍ଷ କରିବା ଏବଂ ପରେ ଗରିବ ପିଲାଙ୍କୁ ମାଗଣାରେ ଆଇଆଇଟି କୋଚିଂ ଦେବା ପାଇଁ 'ସୁପର' ୩୦ ଶିକ୍ଷାନୁଷ୍ଠାନ ଗଢ଼ିବା ଉପରେ ଏହି ସିନେମାଟି ପର୍ଯ୍ୟବେସିତ । ଏହି ସିନେମାରେ ହ୍ରିତିକ ରୋଶନ, ମୃଣାଳ ଠାକୁର ଏବଂ ପଙ୍କଜ ତ୍ରିପାଠୀ ଜବରଦସ୍ତ ଅଭିନୟ କରିଥିଲେ ।

## ସରବଜିତ୍




ଓମଙ୍ଗ କୁମାରଙ୍କ ନିର୍ଦ୍ଦେଶନାରେ ୨୦୧୬ ମସିହାରେ ରିଲିଜ୍ ହୋଇଥିଲା 'ସରବଜିତ୍' ସିନେମା । ଭାରତୀୟ କୃଷକ ସରବଜିତ ସିଂହଙ୍କ ଜୀବନୀ ଓ ତାଙ୍କ ଭଉଣୀ ଦଲବୀର କୌରଙ୍କ ସଂଘର୍ଷକୁ ନେଇ ଏହି ସିନେମାଟି ନିର୍ମିତ । ସିନେମାରେ ସରବଜିତ୍ କେମିତି ଭୁଲ୍‌ରେ ପାକିସ୍ତାନ ସୀମାକୁ ପ୍ରବେଶ କରୁଛନ୍ତି, ଗୁପ୍ତଚର ସନ୍ଦେହରେ ଗିରଫ ହୋଇ ଜେଲରେ ବର୍ଷ ବର୍ଷ ରହି ଯନ୍ତ୍ରଣା ଭୋଗିବା ପରେ ଶେଷରେ ପ୍ରାଣ ହରାଉଛନ୍ତି ତାହା ଦେଖିବାକୁ ମିଳିଛି । ଏହି ସିନେମାରେ ସରବଜିତ୍ ଭୂମିକାରେ ରଣଦୀପ ହୁଡ୍ଡା ଏବଂ ଦଲବୀର କୌରଙ୍କ ଭୂମିକାରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଚମତ୍କାର ଅଭିନୟ କରିଛନ୍ତି । ଏହି ସିନେମାର ମର୍ମସ୍ପର୍ଶ କାହାଣୀ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁଥିଲା ।

## ନୀର୍‌ଜା




୨୦୧୬ ମସିହାରେ ରିଲିଜ୍ ହୋଇଥିଲା ସିନେମା 'ନୀରଜା' । ଏହା ଯୁବକ ଫ୍ଲାଇଟ୍ ଆଟେଣ୍ଡେଣ୍ଟ ନୀରଜା ଭନୋଟଙ୍କ ଜୀବନୀ ଉପରେ ଆଧାରିତ । ୧୯୮୬ରେ ଅପହୃତ ପ୍ୟାନ୍ ଏମ୍ ଫ୍ଲାଇଟ୍ ୭୩ର ଯାତ୍ରୀଙ୍କୁ ରକ୍ଷା କରିବା ପାଇଁ ସେ ନିଜ ଜୀବନକୁ ବଳିଦାନ ଦେଇଥିଲେ । ଏହି ସିନେମାର ନିର୍ଦ୍ଦେଶନା ଦେଇଥିଲେ ରାମ ମାଧବାନୀ । ଏଥିରେ ନୀରଜା ଭନୋଟଙ୍କ ଭୂମିକାରେ ସୋନମ କପୁର ଜୀବନ୍ତ ଅଭିନୟ କରି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ । ଅନ୍ୟ କଳାକାରଙ୍କ ମଧ୍ୟରେ ଶବାନା ଆଜମୀଙ୍କ ଅଭିନୟ ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ■

ସକାଳ THE SAKALA
www.sakalaepaper.com



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର

## ମରମକୁ ବିନ୍ଧିଦେଲେ ବିଶ୍ୱାଳ



କ୍ରିକେଟରେ ବଲ୍ ବ୍ୟାଟ୍‌କୁ ଛୁଇଁଲେ ଯେତେ ଶବ୍ଦ ହୁଏ, ବେଳେବେଳେ ଧାଡ଼ିଟିଏ କଥା ତାହାଠାରୁ ଅଧିକ ଶବ୍ଦ କରିଥାଏ । ଭାରତୀୟ କ୍ରିକେଟ ଦଳର ପୂର୍ବତନ ମ୍ୟାନେଜର ଓ ଏକଦା ଓଡ଼ିଶା କ୍ରିକେଟ ପ୍ରଶାସନ ସହ ଦୀର୍ଘଦିନ ଜଡ଼ିତ ଥିବା ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ ଓରଫ୍ ଗୋପୀବାବୁ ଯେତେବେଳେ ରାଜ୍ୟର କ୍ରିକେଟର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାନ୍ତି, ତାହାକୁ ସହଜରେ ଏଡ଼ାଇଯିବା କଦାଚିତ୍ ସମ୍ଭବ ନୁହେଁ । ଯେଉଁ ସଂଗଠନର ମୂଳ ଉଦ୍ଦେଶ୍ୟ କ୍ରିକେଟ ଓ କ୍ରିକେଟରଙ୍କ ବିକାଶ, ସେଠାରେ ପ୍ରକୃତ କ୍ରୀଡ଼ାବିତ୍‌ଙ୍କ ପ୍ରତିନିଧିତ୍ୱର ଅଭାବ ବାସ୍ତବିକ୍ ଚିନ୍ତାର ବିଷୟ । ଓସିଏର ଉଦ୍ଦେଶ୍ୟ କେବଳ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ନୁହେଁ । ଗାଁର ପିଲାଠାରୁ ରାଜ୍ୟ ଦଳ ପର୍ଯ୍ୟନ୍ତ ପ୍ରତିଭା ଖୋଜିବା, ତାଙ୍କୁ ସୁଯୋଗ ଦେବା ଏବଂ ଓଡ଼ିଶାକୁ ଜାତୀୟ କ୍ରିକେଟ ମାନଚିତ୍ରରେ ଆହୁରି ଶକ୍ତିଶାଳୀ କରିବା ହେଉଛି ଏହି ସଙ୍ଗଠନର ମୂଳ କାମ । ମାତ୍ର ଜୀବନରେ କ୍ଲବ୍ ମ୍ୟାଚ୍ ଖେଳି ନ ଥିବା ଲୋକମାନେ ଯେତେବେଳେ ପ୍ରଶାସକ ହେବେ, କେବଳ ପଦ ପଦବୀ, ବୈଠକ, ନିର୍ବାଚନରେ ମାତିବେ; ସେହି ରାଜ୍ୟରୁ ଆନ୍ତର୍ଜାତୀୟ ଖେଳାଳି ବାହାରିବେ କିପରି ? ଜାମ୍ମୁକାଶ୍ମୀର ପରି ରାଜ୍ୟ ରଣଜୀ ଚମ୍ପିଆନ ହୋଇ ପାରୁଛି, ମାତ୍ର ସବୁ ଭିତ୍ତିଭୂମି ଥିବା ସତ୍ତ୍ୱେ ଓଡ଼ିଶା ଏଲିଟ ୮ ଦଳରୁ ୭ମ ସ୍ଥାନରେ । ତେଣୁ ଗୋପୀବାବୁଙ୍କ କଥାଟି ଓସିଏକୁ କେତେ ଆଇନା ଦେଖାଇବ ସେ କଥା ଆମେ ଜାଣିନାହୁଁ; ମାତ୍ର ଏ କଥା ସତ ଯେ ଆଇନା କେବଳ ସତକୁ ଦେଖାଏ । ଓସିଏ କର୍ମକର୍ତ୍ତା ଏ ସମ୍ପର୍କରେ ମାନସମନ୍ଥନ କରିବା ଆବଶ୍ୟକ । ■

## ଆସ୍କା ପାଢ଼ୀଙ୍କ ନୂଆ ବିକାଶ



ରାଜ୍ୟରେ ପଦ୍ମ ସରକାର ଆଠ ଶହ ଦିନ ଅତିକ୍ରମ କଲାଣି । ଯା ଭିତରେ ଓଡ଼ିଶାର ବିକାଶ କେତେ ବାଟ ଦୌଡ଼ିଲାଣି, ତାହା ସମସ୍ତେ ଦେଖୁଛନ୍ତି । ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକମାନେ ଏହାକୁ ଅଙ୍ଗେ ନିଭାଇଛନ୍ତି । ମାତ୍ର ଲୋକ ମୁଖରେ ଆସ୍କା ପାଢ଼ୀରୂପେ ପରିଚିତ ଆସ୍କା ବିଧାୟକ ସରୋଜ ପାଢ଼ୀଙ୍କ ବିକାଶ ଏବେ ଏତେ ଦ୍ରୁତ ଗତିରେ ଧାଉଁଛି ଯେ ଲୋକେ ତା' ପଛରେ ଦୌଡ଼ି ଦୌଡ଼ି ହାଲିଆ ହୋଇ ପଡ଼ିଲେଣି ବୋଲି ଅନେକ ମନେ କରୁଛନ୍ତି । ଚିଠିଠାରୁ ଆରମ୍ଭ କରି ଡ଼ାଲି, ଚାଉଳ, ପେଟ୍ରୋଲରେ ଏତେ ବିକାଶ ହୋଇଛି ଯେ ସାଧାରଣ ଲୋକଙ୍କ ପକେଟ ଖାଲି । ଦୁଇ ତିନିଜଣ ସଦସ୍ୟଙ୍କ ପରିବାର ପାଇଁ ସପ୍ତାହକରେ ପରିବା ଖର୍ଚ୍ଚ ଅନ୍ୟୂନ ହଜାରେ ଟପିଲାଣି । ଦରଦାମ ବୃଦ୍ଧିକୁ ଯଦି ବିକାଶର ସଂଜ୍ଞା କୁହାଯାଏ ତେବେ ଆଇଏମ୍‌ଏଫ୍, ଏଡ଼ିବି ପରି ଆନ୍ତର୍ଜାତୀୟ ସଂସ୍ଥା ମୁଖ୍ୟ ପଦରେ ଆସ୍କା ପାଢ଼ୀଙ୍କୁ ଅବସ୍ଥାପିତ କରିବାକୁ କେନ୍ଦ୍ର ସରକାର ଗୋଟେ ବ୍ୟବସ୍ଥା କରିବା ଦରକାର ବୋଲି ରାଜଧାନୀ ଖଟିରେ କିଛି ଧୂମପାୟୀ ପ୍ରସ୍ତାବ ଦେଇଥିବା ଆମ କାନରେ ବାଜିଛି । ରାଜନୀତିରେ ଶବ୍ଦର ବ୍ୟାଖ୍ୟା ବଡ଼ ଅଦ୍‌ଭୁତ । ମୂଲ୍ୟବୃଦ୍ଧିକୁ ଯଦି 'ବିକାଶ' କୁହାଯାଏ, ତେବେ ରୋଷେଇ ଘରେ ମହଙ୍ଗା ମାଡ଼ରେ ତ୍ରସ୍ତ ଗୃହିଣୀଙ୍କ ରୋଷ ବି ବିକାଶ ବିରୋଧୀ । ଅନ୍ୟ ବିଧାୟକମାନଙ୍କ ପରି ପାଢ଼ୀବାବୁଙ୍କ ବେତନ, ଭତ୍ତା ଆଦିକୁ ମିଶାଇଲେ ଲକ୍ଷାଧିକ ଟଙ୍କା । ଦରଦାମ ବାଧୁଥିବା ଅଭିଯୋଗ କରି ସିଏ ନିଜେ ବିଧାୟକଙ୍କ ଭତ୍ତା ଦରମା ବଢ଼ାଇବାକୁ ଦାବି କରୁଛନ୍ତି; ହେଲେ ସାଧାରଣ ଲୋକ ସେହି କଥା କହିବା ବେଳକୁ ପାଢ଼ୀବାବୁଙ୍କ ରାଗ କାହିଁକି ପଞ୍ଚମକୁ ଉଠିଯାଉଛି ? ■

## ବିଧାୟକଙ୍କ ଭିନ୍ନ ଗଣତନ୍ତ୍ର



ଦେଶର ସର୍ବୋଚ୍ଚ ନେତା ପ୍ରଧାନମନ୍ତ୍ରୀ ନିଜକୁ ଲୋକଙ୍କ ସେବକ ବୋଲି କହୁଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ସରକାରକୁ ଲୋକଙ୍କ ସରକାର ବୋଲି ଅଭିହିତ କରୁଛନ୍ତି । ମାତ୍ର ସେହି ଦଳର ବିଧାୟକ ବାବୁ ସିଂ ଏହି ସଂଜ୍ଞାକୁ ମାନିବାକୁ ନାରାଜ । ଗଣତନ୍ତ୍ରରେ ଜନଗଣଙ୍କ ସ୍ଥାନ ହେଉଛି ସବୁଠୁ ଉପରେ, ସେ ଜନ ପ୍ରତିନିଧିଙ୍କୁ ନିର୍ବାଚିତ କରେ । ଦୁହିଁଙ୍କ ମଧ୍ୟରେ ସମ୍ପର୍କଟି ହେଉଛି ଦାୟିତ୍ୱବୋଧର । ଭୋଟର ଭୋଟ୍ ଦିଏ, ପ୍ରତିନିଧି କାମ କରନ୍ତି । ଭୋଟର ପ୍ରଶ୍ନ କରନ୍ତି, ସରକାର ଉତ୍ତର ଦେବାକୁ ବାଧ୍ୟ । ଏହି ସରଳ ଗଣତାନ୍ତ୍ରିକ ହିସାବକୁ ଯଦି 'ମୁଣ୍ଡ କିଣିବା' ଭାବେ ଦେଖାଯାଏ, ତେବେ ଗଣତନ୍ତ୍ରର ଭାଷା ହିଁ ବଦଳିଯିବ । ବାବୁ ସିଂହଙ୍କ ପାଇଁ ଏହା ହୁଏତ ମନ୍ତ୍ରୀ ହେବାର ପୂର୍ବବର୍ତ୍ତୀ ଅଭ୍ୟାସ ହୋଇପାରେ, ମାତ୍ର ସାଧାରଣ ଲୋକଟିର ଦାବି କୌଣସି ଅଭ୍ୟାସ ନୁହେଁ; ତାହା ହେଉଛି ଅଧିକାର । ନିଯୁକ୍ତି ପାଇଁ ବେକାର ରାସ୍ତାରେ ବସିଛନ୍ତି, ଅଧିକାର ପାଇଁ ଶିକ୍ଷକ ଧାରଣା ଦେଉଛନ୍ତି, ପିଲାଙ୍କ ଭବିଷ୍ୟତ ପାଇଁ ଅଭିଭାବକ ଆନ୍ଦୋଳନ କରୁଛନ୍ତି, ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି । ବିଭାଗୀୟ ମନ୍ତ୍ରୀ ସେଠାକୁ ଆସୁନାହାନ୍ତି, ପ୍ରତିନିଧିଭାବରେ ବିଧାୟକ ବାବୁ ସିଂ ପହଞ୍ଚି ଭୋଟ ଦେଇଛ ବୋଲି କ'ଣ ମୁଣ୍ଡ କିଣିଛ ବୋଲି ପ୍ରଶ୍ନ କରୁଛନ୍ତି । ଜନତାଙ୍କ କଥା ଶୁଣିବା ହେଉଛି ଗଣତନ୍ତ୍ରର ମୌଳିକ ଶିଷ୍ଟାଚାର । ମାତ୍ର ଯେତେବେଳେ ଲୋକଙ୍କ ଭୋଟ୍‌କୁ ନେଇ ବାବୁ ସିଂଙ୍କ ପରି ଜନ ପ୍ରତିନିଧି ଏପରି ମନ୍ତବ୍ୟ ଦିଅନ୍ତି, ସେଠାରେ ଗଣତନ୍ତ୍ର ପାଇଁ ଲାଜରେ ଆତ୍ମହତ୍ୟା କରିବା ଛଡ଼ା ଅନ୍ୟ ବାଟ କାହିଁ? ବାବୁଙ୍କ ପରି ପାକଳ ନେତା ଏହି ସାଧାରଣ କଥାଟି ବୁଝି ପାରୁନାହାନ୍ତି କିପରି ? ■

## ପାଣିଗ୍ରାହୀଙ୍କ ଚିଠି ନିଆଁ



ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ପରିଷଦ ଘୋଷଣା ହେବା ପରେ ଲାଗିଲା ଯେମିତି ଏଣିକି ବିକାଶ ଦକ୍ଷିଣ ମୁହାଁ ହୋଇ ଦୌଡ଼ିବ । ମାତ୍ର ବିକାଶ ଦୌଡ଼ିବା ପୂର୍ବରୁ ତାକୁ ଲୋକସେବା ଭବନରେ ଅଧିକାରୀଙ୍କ ମେଜ ଗୋଡ଼ରେ ଦଉଡ଼ିରେ ଏମିତି କଷିକରି ବାନ୍ଧି ଦିଆଗଲା ଯେ ବିଚରା ମୁକୁଳିବାର ଯୁ ପାଉନାହିଁ । ଆଉ ଏହି ପ୍ରସଙ୍ଗରେ ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ବ୍ରହ୍ମପୁର ସାଂସଦ ପାଣିଗ୍ରାହୀ ଆଜ୍ଞା ଚିଠି ଲେଖିଲେ, ସେତେବେଳେ ସମସ୍ତଙ୍କ ମୁହଁ ଆମ୍ବିଳା । ପାଣିଗ୍ରାହୀଙ୍କ ଚିଠି ଏବେ ଖାଲି ଗଞ୍ଜାମ ରାଜନୀତି ନୁହେଁ, ରାଜ୍ୟ ରାଜନୀତିରେ ବି ନିଆଁ ଲଗାଇ ଦେଇଛି । କୁହାଯାଏ ରାଜନୀତିରେ ଚିଠି ଅନେକ ସମୟରେ ଖଣ୍ଡେ କାଗଜର ବାର୍ତ୍ତା ନୁହେଁ, ଏହା ଭବିଷ୍ୟତ ପାଇଁ ଦସ୍ତାବିଜ୍ ହୋଇଯାଏ । ବ୍ୟବସ୍ଥାକୁ ନେଇ ସାଧାରଣ ପ୍ରଶ୍ନଟିଏ, ଅନେକ ସମୟରେ ଶାସନ ଗାଦି ଦୋହଲାଇ ଦେବାକୁ ସାମର୍ଥ୍ୟ ରଖିଥାଏ । ରାଜ୍ୟରେ ଏବେ ଗୋଟିଏ ପଟେ ସରକାରୀ ମଞ୍ଚର ବିକାଶର ଢ଼ୋଲ ଢ଼ାଇଁ ଢ଼ାଇଁ ବାଜୁଛି; ଅନ୍ୟପଟେ ଶାସକ ଦଳର ଜଣେ ସାଂସଦ ତାଙ୍କ ଅଞ୍ଚଳରେ ବିକାଶକୁ ନେଇ ପ୍ରଶ୍ନ ଉଠାଉଛନ୍ତି । ସରକାରୀ ଅନୁଦାନ, ପାଣ୍ଠି ଓ ଯୋଜନାର କାର୍ଯ୍ୟାନ୍ୱୟନକୁ ନେଇ ଚିଠି ଲେଖୁଛନ୍ତି । ତେଣୁ ଦକ୍ଷିଣ ଓଡ଼ିଶାର ବିକାଶ ପ୍ରସଙ୍ଗ କେବଳ ରାଜନୈତିକ ଭାଷଣରେ ରହିଲେ ଚଳିବ ନାହିଁ । ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ରୋଜଗାର ଓ ଯୋଗାଯୋଗ ଭଳି କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତ୍ତନ ଦରକାର । ଘୋଷଣା ଅପେକ୍ଷା ରାଜନୈତିକ ଇଚ୍ଛାଶକ୍ତି, ଅର୍ଥ ଅନୁମୋଦନ ଓ ସ୍ପଷ୍ଟ କାର୍ଯ୍ୟଯୋଜନା ଏଠି ଅଧିକ ଲୋଡ଼ା । ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ମାତ୍ର ଘୋଷଣାନୁସାରେ ଯୋଜନା ପ୍ରସ୍ତୁତି ଓ ଯୋଜନା ପାଇଁ ଅର୍ଥ ଅନୁଦାନ ନ ଦେଲେ ଘୋଷଣା ଯେ ମୂଲ୍ୟହୀନ, ଏ କଥା କ'ଣ ବୁଝାଇବାକୁ ପଡ଼ିବ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।



# ଓଡ଼ିଆ ବାୟୋପିକ୍ ସିନେମା




ଶ୍ୟାମା ପ୍ରସାଦ ମିଶ୍ର

**ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବାୟୋପିକ୍ ବା ଜୀବନୀଭିତ୍ତିକ ସିନେମାର ଏକ ସମୃଦ୍ଧ ଓ ଗୌରବମୟ ପରମ୍ପରା ରହିଛି । ଏହି ଧାରାର ଚଳଚ୍ଚିତ୍ର କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ; ଏହା ଓଡ଼ିଶାର କଳା, ସାହିତ୍ୟ, ଆଧ୍ୟାତ୍ମିକତା, ସଂସ୍କୃତି, ସଂଘର୍ଷ ଓ ସାମାଜିକ ପରିବର୍ତ୍ତନର ଏକ ଜୀବନ୍ତ ଦଲିଲ୍ । ଅତୀତର କବି, ସାଧକ ଓ ମହାପୁରୁଷଙ୍କ ଜୀବନରୁ ଆରମ୍ଭ କରି ଆଧୁନିକ ସମାଜର ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କ ଜୀବନକାହାଣୀ ପର୍ଯ୍ୟନ୍ତ ଓଡ଼ିଆ ବାୟୋପିକ୍‌ର ପରିସର ଆଜି ବେଶ୍ ବ୍ୟାପକ ହୋଇଛି ।**

### ଜୟଦେବ (୧୯୬୨-୬୩)

ଓଡ଼ିଆ ବାୟୋପିକ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ଆଧ୍ୟାତ୍ମିକତା ଓ ସାରସ୍ୱତ ସାଧନାର ପ୍ରଭାବ ସ୍ପଷ୍ଟ ଦେଖିବାକୁ ମିଳେ । ୧୯୬୨ ମସିହାରେ ମୁକ୍ତିଲାଭ କରିଥିଲା ପ୍ରସିଦ୍ଧ ଓଡ଼ିଆ ଚଳଚ୍ଚିତ୍ର 'ଜୟଦେବ' । କେତେକ ସ୍ଥାନରେ ୧୯୬୩ ମସିହାରେ ମୁକ୍ତିଲାଭ କରିଥିଲା ବୋଲି ଉଲ୍ଲେଖ ରହିଛି । ବ୍ୟୋମକେଶ ତ୍ରିପାଠୀ ଏବଂ ଶିବ ଭଟ୍ଟାଚାର୍ଯ୍ୟ ମିଳିତ ଭାବେ ଏହି ସିନେମାର ନିର୍ଦ୍ଦେଶନା ଦେଇଥିଲେ । ଏଥିରେ ଜୟଦେବ ଭୂମିକାରେ ବ୍ୟୋମକେଶ ତ୍ରିପାଠୀ ଚମତ୍କାର ଅଭିନୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମୁଏଲ୍ ସାହୁ (ବାବି), ଶେଫାଳୀ ପ୍ରମୁଖ ଅଭିନୟ କରିଥିଲେ । ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ସୁରଶ୍ରୀ ବାଳକୃଷ୍ଣ ଦାଶ ଦେଇଥିଲେ । କେ. ଜି. ପ୍ରଡକ୍ସନ ବ୍ୟାନରରେ ପ୍ରଯୋଜିତ ଏହି ସିନେମାର ପ୍ରଯୋଜକ ଥିଲେ କଲ୍ୟାଣ ଗୁପ୍ତା ।



### ଆଧ୍ୟାତ୍ମିକତାରୁ ସାମାଜିକ ବାସ୍ତବତା

କେବଳ କବି, ସାଧକ କିମ୍ବା ମହାପୁରୁଷଙ୍କ ଜୀବନ ନୁହେଁ, ସମାଜର ସାଧାରଣ ଓ ସଂଘର୍ଷଶୀଳ ମଣିଷଙ୍କ ଜୀବନ ମଧ୍ୟ ଚଳଚ୍ଚିତ୍ରର ବିଷୟ ହେବାକୁ ଲାଗିଲା । ଏହି ଧାରାର ଏକ ଗୁରୁତ୍ୱପୂର୍ଣ୍ଣ ନାମ 'ତୁଳସୀ ଅପା' (୨୦୧୭) ଚଳଚ୍ଚିତ୍ର । ସମାଜସେବୀ ତୁଳସୀ ମୁଣ୍ଡାଙ୍କ ଜୀବନ ଓ କାର୍ଯ୍ୟକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ର ଆଦିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ, ଦାରିଦ୍ର୍ୟ, ଅଶିକ୍ଷା, ଶୋଷଣ ଓ ସାମାଜିକ ଅନ୍ୟାୟ ବିରୋଧରେ ତୁଳସୀ ମୁଣ୍ଡାଙ୍କ ସଂଘର୍ଷକୁ ଦର୍ଶାଇଛି । ଅନୁପମ ପଟ୍ଟନାୟକଙ୍କ ପ୍ରଯୋଜନା ଓ ଅମୀୟ ରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଏହା ନିର୍ମିତ ହୋଇଥିଲା । ପଙ୍କଜ ଜାଲ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ବର୍ଷା ନାୟକ ତୁଳସୀ ମୁଣ୍ଡାଙ୍କ ଭୂମିକାରେ ଶକ୍ତିଶାଳୀ ଅଭିନୟ କରିଥିଲେ । ଚଳଚ୍ଚିତ୍ରଟି ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଛଅଟି ପୁରସ୍କାର ପାଇଥିବା ତଥ୍ୟ ମଧ୍ୟ ରହିଛି । ଅମୀୟ ପଟ୍ଟନାୟକ ଶ୍ରେଷ୍ଠ ନିର୍ଦ୍ଦେଶକ, ବର୍ଷା ନାୟକ ଶ୍ରେଷ୍ଠ ଅଭିନେତ୍ରୀ ଓ ପଙ୍କଜ ଜାଲ ସଙ୍ଗୀତ ପାଇଁ ସମ୍ମାନିତ ହୋଇଥିଲେ ।





### କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ (୧୯୭୮)

ଏହି ଧାରାର ଆଉ ଏକ ସିନେମା ହେଉଛି 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' । ଏନ୍. ଗୋପାଳକୃଷ୍ଣଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା ସହ କାହାଣୀ, ଚିତ୍ରନାଟ୍ୟ ଓ ସଂଳାପରେ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ଅବଦାନ ଥିଲା । ଶରତ ପୂଜାରୀ, ଉତ୍ତମ ମହାନ୍ତି, ଚକ୍ରପାଣି, ରୋଜା ରମଣୀ ଓ ନରେନ୍ଦ୍ର ବେହେରା ପ୍ରମୁଖ ଏହି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଉପେନ୍ଦ୍ର କୁମାର । ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟକୁ ଆଧାର କରି ରଚିତ ଗୀତ ଚଳଚ୍ଚିତ୍ରର ସାହିତ୍ୟିକ ଓ ସାଂସ୍କୃତିକ ଗଭୀରତା ବଢ଼ାଇଥିଲା ।





### ନୂଆ ପିଢ଼ିର ନୂଆ ନାୟକ



ଓଡ଼ିଆ ବାୟୋପିକ୍‌ର ଆଧୁନିକ ପର୍ଯ୍ୟାୟରେ ବିଷୟବସ୍ତୁ ଆହୁରି ବାସ୍ତବବାଦୀ ହୋଇଛି । 'ଟି' (୨୦୨୩) ଏହାର ଏକ ଉଲ୍ଲେଖନୀୟ ଉଦାହରଣ । ଜିତେଶ କୁମାର ପରିଡ଼ାଙ୍କ ନିର୍ଦ୍ଦେଶିତ ଏହି ଜୀବନୀଭିତ୍ତିକ ଚଳଚ୍ଚିତ୍ର ମେଘନା ସାହୁଙ୍କ ସଂଘର୍ଷମୟ ଜୀବନକୁ ଆଧାର କରି ନିର୍ମିତ । ସମାଜର ପାରମ୍ପରିକ ଧାରଣା, ଲିଙ୍ଗଗତ ବୈଷମ୍ୟ ଓ ପ୍ରତିକୂଳତାକୁ ସାହସର ସହ ମୁକାବିଲା କରି ନିଜ ପରିଚୟ ଓ ସ୍ୱାବଲମ୍ବନ ହାସଲ କରିବାର ତାଙ୍କ ଯାତ୍ରା ଏହାର କେନ୍ଦ୍ରୀୟ ବିଷୟ । ଏଠାରେ ବାୟୋପିକ୍‌ର ଏକ ନୂଆ ସାମାଜିକ ଭୂମିକା ଦେଖିବାକୁ ମିଳେ । ଯେଉଁ ସମ୍ପ୍ରଦାୟ ଦୀର୍ଘ ସମୟ ଧରି ସମାଜର ମୁଖ୍ୟସ୍ରୋତରେ ଉପେକ୍ଷିତ ରହିଛି, ତାହାର ଜଣେ ପ୍ରତିନିଧିଙ୍କ ଜୀବନକୁ ନେଇ ସିନେମା ତିଆରି ହେବା ନିଶ୍ଚିତ ଭାବେ ଏକ ସକାରାତ୍ମକ ସାମାଜିକ ପରିବର୍ତ୍ତନର ସଙ୍କେତ ।

### ଭକ୍ତ ସାଲବେଗ (୧୯୮୩)

ଓଡ଼ିଆ ବାୟୋପିକ୍‌ର ଆଧ୍ୟାତ୍ମିକ ପରମ୍ପରାକୁ 'ଭକ୍ତ ସାଲବେଗ' ଚଳଚ୍ଚିତ୍ର ଆହୁରି ସମୃଦ୍ଧ କରିଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ କବି ସାଲବେଗଙ୍କ ଜୀବନ, ଭକ୍ତି ଓ ସଂଘର୍ଷ ଏହି ଚଳଚ୍ଚିତ୍ରର ମୁଖ୍ୟ ବିଷୟ । ଜୟ ଜଗନ୍ନାଥ ଫିଲ୍ମସ୍ ପ୍ରାଇଭେଟ୍ ଲିମିଟେଡ୍ ବ୍ୟାନରରେ ସୂର୍ଯ୍ୟନାରାୟଣ ମହାନ୍ତିଙ୍କ ପ୍ରଯୋଜନା ଓ ରାଧା ପଣ୍ଡାଙ୍କ ନିର୍ଦ୍ଦେଶନାରେ ଏହା ନିର୍ମିତ ହୋଇଥିଲା । ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ଓ ଭିକାରୀ ବଳ, ଅନୁରାଧା ପୌଡ଼ୱାଲ୍‌ଙ୍କ ସମେତ ବିଭିନ୍ନ କଣ୍ଠଶିଳ୍ପୀଙ୍କ ଗୀତ ଚଳଚ୍ଚିତ୍ରକୁ ସ୍ମରଣୀୟ କରିଥିଲା । ଉତ୍ତମ ମହାନ୍ତି, ଅପରାଜିତା ମହାନ୍ତି, ଶରତ ପୂଜାରୀ, ଦୁଃଖୀରାମ ସ୍ୱାଇଁ, ବୀରେନ୍ ରାଉତରାୟ, ଅନୀତା ଦାସ ଓ ବ୍ୟୋମକେଶ ତ୍ରିପାଠୀ ପ୍ରମୁଖ ଅଭିନୟ କରିଥିଲେ ।





### ଶିକ୍ଷାବିତଙ୍କ ଅନନ୍ୟ ଗାଥା

'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' (୨୦୨୫) ଜଣେ ଶତାୟୁ ଶିକ୍ଷକଙ୍କ ଜୀବନ ଓ ନିସ୍ୱାର୍ଥ ଶିକ୍ଷାସେବାକୁ କେନ୍ଦ୍ର କରିଥିବା ଏକ ଅନନ୍ୟ ଚଳଚ୍ଚିତ୍ର । ଯାଜପୁର ଜିଲ୍ଲାର ସୁକିନ୍ଦା କନ୍ତିରା ଗ୍ରାମର ନନ୍ଦ କିଶୋର ପୃଷ୍ଟି ନିଜ ଘରର ଏକ ଅଂଶକୁ ଚାଟଶାଳୀରେ ପରିଣତ କରି ଦୀର୍ଘ ସତୁରୀ ବର୍ଷରୁ ଅଧିକ ସମୟ ଧରି ଗରିବ ଓ ଅସହାୟ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ଅଭୟ ପତି ନନ୍ଦ କିଶୋରଙ୍କ ଅସାଧାରଣ ଜୀବନକୁ ନେଇ ଏକ ପ୍ରାମାଣିକ ଚଳଚ୍ଚିତ୍ର କରିବାକୁ ମନସ୍ଥ କରିଥିଲେ । ମୁମ୍ବାଇର ପ୍ରଣବ ଆଇଚଙ୍କ ନିର୍ଦ୍ଦେଶନାରେ ପ୍ରାୟ ଦୁଇବର୍ଷ ଧରି ଏହାର ସୁଟିଂ ହୋଇଥିଲା । ଏହି ଚଳଚ୍ଚିତ୍ରଟି ଦେଶ-ବିଦେଶରେ ପ୍ରଦର୍ଶିତ ହୋଇ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଛି ।

### ଜୟଦେବ (୧୯୮୭)

'ଜୟଦେବ' ସିନେମା 'ଗୀତ ଗୋବିନ୍ଦ'ର ରଚୟିତା ତଥା ପ୍ରସିଦ୍ଧ କବି ଜୟଦେବଙ୍କ ଜୀବନ ଓ ସାଧନାକୁ ପରଦାରେ ଉପସ୍ଥାପନ କରିଥିଲା । ନିତ୍ୟାନନ୍ଦ ମିଶ୍ର ଓ ଶ୍ୟାମଲ ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ପ୍ରସିଦ୍ଧ ସଙ୍ଗୀତଜ୍ଞ ବାଳକୃଷ୍ଣ ଦାସ । ଜୟଦେବଙ୍କ ଭୂମିକାରେ ଉତ୍ତମ ମହାନ୍ତି ଅଭିନୟ କରିଥିଲେ । ଗୀତଗୋବିନ୍ଦର ଅଷ୍ଟପଦୀକୁ ଆଧାର କରି ଚଳଚ୍ଚିତ୍ରର ସଙ୍ଗୀତ ଏହାକୁ ଏକ ସ୍ୱତନ୍ତ୍ର ସାଂସ୍କୃତିକ ମାନ୍ୟତା ଦେଇଥିଲା ।



### ଅସମ୍ଭବକୁ ସମ୍ଭବ କରିବାର କାହାଣୀ

୨୦୨୫ ମସିହାରେ 'ପାଦେ ଆକାଶ' ଓଡ଼ିଆ ବାୟୋପିକ୍‌ର ସମସାମୟିକ ଧାରାକୁ ଆହୁରି ଶକ୍ତିଶାଳୀ କରିଛି । ବିଶିଷ୍ଟ ସମାଜସେବୀ ଡ. ଶ୍ରୁତି ମହାପାତ୍ରଙ୍କ ଜୀବନୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ର 'ତରଙ୍ଗ ସିନେ ପ୍ରଡକ୍ସନ' ଦ୍ୱାରା ନିର୍ମିତ । ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନାରେ ଅର୍ଚ୍ଚିତା ସାହୁ ଡ. ଶ୍ରୁତି ମହାପାତ୍ରଙ୍କ ଚରିତ୍ରରେ ଅଭିନୟ କରିଥିଲେ । ଏକ ଦୁର୍ଘଟଣା ପରେ ହ୍ୱିଲ୍‌ଚେୟାରରେ ବସି ମଧ୍ୟ ଜୀବନର ପ୍ରତିକୂଳତାକୁ ହରାଇ ସମାଜସେବା ଓ ଭିନ୍ନକ୍ଷମଙ୍କ ଅଧିକାର ପାଇଁ କାମ କରିବାର ଶ୍ରୁତି ମହାପାତ୍ରଙ୍କ ଯାତ୍ରା ଏହି ଚଳଚ୍ଚିତ୍ରର ପ୍ରେରଣା । ପ୍ରେମ ଆନନ୍ଦଙ୍କ ସୁନ୍ଦର ସଙ୍ଗୀତ ଚଳଚ୍ଚିତ୍ରର ଭାବନାକୁ ଆହୁରି ସମୃଦ୍ଧ କରିଛି । ଡି. ଓ. ପି. ଶୁଭ୍ରାଂଶୁ ଦାସ, କ୍ରିଏଟିଭ ମୁଖ୍ୟ ରଞ୍ଜନ ଶତପଥୀ, ଦେବୀଦତ୍ତ ମହାନ୍ତି ଓ ତ୍ରିଭୁବନ ପଣ୍ଡାଙ୍କ ସମେତ ସୃଜନଶୀଳ ଓ କାର୍ଯ୍ୟକାରୀ ଦଳର ପରିଶ୍ରମ ଏହି ଧାରାକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ନେଇଥିଲେ ।

'ସନ୍ଥ' ହେଉଛି ସନ୍ଥକବି ଭୀମ ଭୋଇଙ୍କ ଜୀବନୀ ଉପରେ ଆଧାରିତ ଓଡ଼ିଆ ଓ ସମ୍ବଲପୁରୀ ବାୟୋପିକ୍ ଚଳଚ୍ଚିତ୍ର । ସନ୍ତୋଷ ପୃଷ୍ଟିଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ଓ ସଙ୍ଗୀତ ନିର୍ଦ୍ଦେଶନା ପ୍ରଖ୍ୟାତ ଗବେଷକ ସଦାନନ୍ଦ ଅଗ୍ରୱାଲ କରିଛନ୍ତି । ଏଥିରେ ଜିଲ୍ଲାପାଳ ନୃପରାଜ ସାହୁ ଭୀମ ଭୋଇଙ୍କ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଚଳଚ୍ଚିତ୍ରଟିରେ କବିଙ୍କ ବାଲ୍ୟକାଳ, ଦୃଷ୍ଟିହୀନତା, ମହିମା ଗୋସାଇଁଙ୍କ ସହ ସାକ୍ଷାତ ଏବଂ କୁସଂସ୍କାର ବିରୋଧରେ ସଂଘର୍ଷକୁ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି । 'ସନ୍ଥ' ଚଳଚ୍ଚିତ୍ରଟି ଏପର୍ଯ୍ୟନ୍ତ ବାଣିଜ୍ୟିକ ଭାବେ ସାଧାରଣ ସିନେମା ହଲ୍‌ରେ ମୁକ୍ତିଲାଭ କରିନାହିଁ । ତେବେ ଏହି ଚଳଚ୍ଚିତ୍ରଟି ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇସାରିଛି । ■

ସିନେମା ଲେଖକ ଓ ସମୀକ୍ଷକ , ଭୁବନେଶ୍ୱର
ମୋ: ୯୭୭୭୫୮୮୮୮୧

## କେମିତି କଟିବ ସପ୍ତାହ

**ମେଷ** – ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧବାରରେ ମହିଳାଙ୍କ ମନୋବଳ ଦୃଢ଼ ରହିବ । ଗୁରୁ, ଶୁକ୍ରବାରରେ ନକାରାତ୍ମକ ଭାବାନାରୁ ଦୂରେଇ ରୁହନ୍ତୁ । ଶନିବାରରେ ଖାଦ୍ୟ ପାନୀୟରେ ଅଧିକ ଧ୍ୟାନ ରଖନ୍ତୁ । ପରିବାରବର୍ଗଙ୍କ ସହାୟତା ପାଇବେ ।

**ବୃଷ** – ରବି, ସୋମବାରରେ ଅସ୍ଥିରତା ବୃଦ୍ଧି ପାଇବ । ମଙ୍ଗଳ, ବୁଧବାରରେ ନିଜ ଦାୟିତ୍ୱକୁ ସୁଚାରୁ ରୂପରେ ସମାପନ କରିବେ । ଗୁରୁ, ଶୁକ୍ରବାରରେ ଅଯଥା ଖର୍ଚ୍ଚ ଚିନ୍ତାର କାରଣ ପାଲଟି ପାରେ । ଶନିବାରରେ କୌଣସି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି ।

**ମିଥୁନ** – ରବି, ସୋମବାରରେ ପରିଶ୍ରମ କରି ସଫଳତା ପାଇବେ । ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ । ମଙ୍ଗଳ, ବୁଧବାରରେ ସହକର୍ମୀଙ୍କ ସହ ବଚସା ହୋଇପାରେ । ଗୁରୁ, ଶୁକ୍ରବାରରେ ନିଜ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେବେ । ଶନିବାରରେ ପରିବାରର ସହାୟତା ପାଇବେ ।

**କର୍କଟ** – ରବି, ସୋମବାରରେ ପରିବାରରେ ଉତ୍ତମ ବୁଝାମଣା ରହିବ । ମଙ୍ଗଳ, ବୁଧବାରରେ ଆର୍ଥିକସ୍ଥିତି ମଜଭୁତ ରହିବ । ଶତ୍ରୁମାନଙ୍କର କୂଟଚକ୍ରାନ୍ତରେ ପଡ଼ିପାରନ୍ତି । ଗୁରୁ, ଶୁକ୍ରବାରରେ ମହିଳାମାନେ ଅବହେଳିତ ହେବେ । ଶନିବାରରେ ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ଆଗୁଆ ରହିବେ ।

**ସିଂହ** – ରବି, ସୋମବାରରେ ଆତ୍ମବିଶ୍ୱାସ ସହ ସବୁ କାର୍ଯ୍ୟ ସମାପ୍ତ କରିବେ । କୌଣସି ଶୁଭ ସମାଚାର ପାଇବେ । ମଙ୍ଗଳ, ବୁଧବାରରେ ରାଜନୈତିକ କ୍ଷେତ୍ରରେ ଲୋକସମର୍ଥନ ବୃଦ୍ଧି ପାଇବ । ଗୁରୁ, ଶୁକ୍ରବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ଶନିବାରରେ ଆର୍ଥିକସ୍ଥିତି ସୁଦୃଢ଼ ରହିବ ।

**କନ୍ୟା** – ରବି, ସୋମବାରରେ ନିଜ ଦକ୍ଷତା ବଳରେ ଲୋକମାନଙ୍କୁ ପ୍ରଭାବିତ କରିବେ । ମଙ୍ଗଳ, ବୁଧବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ଗୁରୁ, ଶୁକ୍ରବାରରେ ଶତ୍ରୁମାନଙ୍କଠାରୁ ଦୂରେଇ ରୁହନ୍ତୁ । ଶନିବାରରେ ବିଭାଗୀୟ ଅଧିକାରୀଙ୍କଠାରୁ ଉଚିତ ପରାମର୍ଶ ପାଇବେ ।

**ତୁଳା** – ରବି,ସୋମବାରରେ ସଂପତ୍ତି କ୍ରୟବିକ୍ରୟ କରିବାର ସୁଯୋଗ ପାଇବେ । ମଙ୍ଗଳ, ବୁଧବାରରେ ଦୀର୍ଘ ଦିନ ପରେ ଜୀବନରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ଗୁରୁ, ଶୁକ୍ରବାରରେ ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଶନିବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ସୁଯୋଗ ରହିଛି ।

**ବିଛା** – ରବି, ସୋମବାରରେ ଅଯଥା ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି । ମଙ୍ଗଳ,ବୁଧବାରରେ ସୁଖ ସନ୍ତୋଷ ବୃଦ୍ଧି ପାଇବ । ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ । ଗୁରୁ, ଶୁକ୍ରବାରରେ ଭବିଷ୍ୟତ ଯୋଜନା ଫଳପ୍ରଦ ହୋଇପାରେ । ଶନିବାରରେ ସହକର୍ମୀଙ୍କ ସହ ବାଦବିବାଦ ଉପୁଜିପାରେ ।

**ଧନୁ** – ରବି, ସୋମବାରରେ ଦାମ୍ପତ୍ୟ ଜୀବନରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟପୂରଣ ପାଇଁ ଚେଷ୍ଟା ଜାରି ରଖିବେ । ଗୁରୁ, ଶୁକ୍ରବାରରେ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଶନିବାରରେ ବିଭିନ୍ନ କାର୍ଯ୍ୟରେ ସଫଳତା ହାସଲ କରିବେ ।

**ମକର** – ରବି, ସୋମବାରରେ ଭବିଷ୍ୟତ ପାଇଁ ବଡ଼ ଯୋଜନା ପ୍ରସ୍ତୁତ କରିବେ । ମଙ୍ଗଳ, ବୁଧବାରରେ ଅଟକି ରହିଥିବା ଧନ ଫେରିପାଇବେ । ଗୁରୁ, ଶୁକ୍ରବାରରେ କର୍ମକ୍ଷେତ୍ରରେ ନିଜର ପ୍ରତିଭାକୁ ବିକଶିତ କରିବେ । ଶନିବାରରେ ଜୀବନରେ ଭିନ୍ନ ମୋଡ଼ ଦେଖାଦେବ ।

**କୁମ୍ଭ** – ରବି, ସୋମବାରରେ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ । ମଙ୍ଗଳ, ବୁଧବାରରେ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି । ଗୁରୁ, ଶୁକ୍ରବାରରେ ପ୍ରିୟଜନଙ୍କ ସହଯୋଗ ପାଇବେ । ଶନିବାରରେ ବ୍ୟବସାୟରେ ପ୍ରସାର ପାଇଁ ନୂତନ ମାର୍ଗ ପାଇବେ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଚିନ୍ତିତ ହୋଇପାରନ୍ତି ।

**ମୀନ** – ରବି, ସୋମବାରରେ ଶତ୍ରୁର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । ମଙ୍ଗଳ, ବୁଧବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜିପାରେ । ଗୁରୁ, ଶୁକ୍ରବାରରେ ପରିଶ୍ରମର ଫଳପ୍ରାପ୍ତି ହେବ । ଶନିବାରରେ କର୍ମକ୍ଷେତ୍ରରେ ଉନ୍ନତି କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ । ■